୧୭-୧୮ ମେ' ୨୦୨୪

ସକାଳ
THE SAKALA

ରବିବାର ସିନ୍ଦୁରା

- ଓଡ଼ିଶାରେ ସଂକୀର୍ତ୍ତନ ପରମ୍ପରା
- ଶ୍ରୀକ୍ଷେତ୍ର ଧାମରେ ସଂକୀର୍ତ୍ତନ ଧାରା
- ସଂକୀର୍ତ୍ତନରେ ଭକ୍ତିଭାବ
- ପଶ୍ଚିମ ଓଡ଼ିଶାରେ ସଂକୀର୍ତ୍ତନ ପରମ୍ପରା
- ସଂକୀର୍ତ୍ତନର ପ୍ରକାରଭେଦ
- ସଂକୀର୍ତ୍ତନ ପ୍ରଶିକ୍ଷଣ କେନ୍ଦ୍ର



# ସଂକୀର୍ତ୍ତନ



ଭଗବାନଙ୍କ ସାନ୍ନିଧ ଲାଭ ପାଇଁ ଭଜନ, କୀର୍ତ୍ତନ ଆଦି କରିବାର ବିଧି ପ୍ରଚଳିତ । ଭକ୍ତି ଓ ନିଷ୍ଠାର ସହିତ ଭଗବାନଙ୍କ ନାମ ସଂକୀର୍ତ୍ତନ କଲେ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ସେଥିପାଇଁ ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ କରାଯିବାର ପରମ୍ପରା ରହିଛି । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସଂପର୍କର ସେତୁ ସୃଷ୍ଟି କରିବାର ମାଧ୍ୟମ ହେଉଛି ସଂକୀର୍ତ୍ତନ । ଏଥିରେ ସ୍ୱର, ତାଳ, ଲୟ ଆଦିକୁ ଗୁରୁତ୍ୱ ଦିଆଯାଇଥାଏ । ସଂକୀର୍ତ୍ତନ ପରିବେଷଣ ସମୟରେ ଗାୟକ, ବାଦକ, ଦର୍ଶକ ସମସ୍ତେ ଭକ୍ତିଭାବରେ ନିମଜ୍ଜିତ ହୋଇଉଠନ୍ତି । ବ୍ୟକ୍ତି, ଗୋଷ୍ଠୀ ଓ ସମାଜ ଉପରେ ଏହା ଗଭୀର ପ୍ରଭାବ ପକାଇଥାଏ । ମାନସିକ ଶାନ୍ତି ଓ ଆନନ୍ଦ ପାଇଁ ଏହା ଏକ ପ୍ରକୃଷ୍ଟ ମାଧ୍ୟମ ।

ଉତ୍କଳୀୟ ପରମ୍ପରା ଓ ସଂସ୍କୃତିରେ ସଂକୀର୍ତ୍ତନ ବେଶ୍ ମହତ୍ତ୍ୱପୂର୍ଣ୍ଣ । ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ସାରା ରାଜ୍ୟରେ ସଂକୀର୍ତ୍ତନର ବ୍ୟାପକ ପ୍ରଚାରପ୍ରସାର ହୋଇଥିଲା । ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ମଧ୍ୟ ସଂକୀର୍ତ୍ତନ ଓତପ୍ରୋତ ଭାବେ ଜଡ଼ିତ । ମୃଦଙ୍ଗ, ଝାଞ୍ଜ ଆଦି ବାଦ୍ୟ ମାଧ୍ୟମରେ ପ୍ରଭୁଙ୍କ ନାମ ଜପ କରି ତାଙ୍କ ଲୀଳାର ପ୍ରଚାରପ୍ରସାର କରିବା ସଂକୀର୍ତ୍ତନର ଉଦ୍ଦେଶ୍ୟ । ପୂର୍ବରୁ ପ୍ରତି ଗ୍ରାମରେ ସଂକୀର୍ତ୍ତନ ମଣ୍ଡଳୀ ଗଢ଼ି ଉଠିଥିଲା । ସନ୍ଧ୍ୟା ସମୟରେ ଗ୍ରାମବାସୀ ଏକାଠି ବସି ନାମ ସଂକୀର୍ତ୍ତନ କରି ଅପାର ଆନନ୍ଦ ପାଆନ୍ତି । ଆଧୁନିକତାର ପ୍ରଭାବରେ ଏବେ ଅନେକ ସଂକୀର୍ତ୍ତନ ମଣ୍ଡଳୀ ଲୋପ ପାଇଗଲାଣି । ତଥାପି ଏବେ ବି ଅନେକ ଗ୍ରାମରେ ଅଷ୍ଟ ପ୍ରହରୀ, ଚବିଶ ପ୍ରହରୀ, ଷୋହଳ ପ୍ରହରୀ ଆଦି ନାମଯଜ୍ଞ ଆୟୋଜନ କରି ସଂକୀର୍ତ୍ତନ ପରମ୍ପରାକୁ ବଞ୍ଚାଇ ରଖାଯାଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ସଂକୀର୍ତ୍ତନର ଇତିହାସ, ପରମ୍ପରା, ପ୍ରକାରଭେଦ, ପ୍ରଚାରପ୍ରସାର, ମାହାତ୍ମ୍ୟ ଆଦିକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ସଂକୀର୍ତ୍ତନ**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



# କେମିତି କଟିବ ସପ୍ତାହ


**ମେଷ**

ରବିବାରରେ ବହୁ ପରିଶ୍ରମ କରି ସଫଳତା ପ୍ରାପ୍ତି, ଦୂରଯାତ୍ରା କରି ପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ ପ୍ରସନ୍ନତା, ଅତିଥିଙ୍କ ଆଗମନ ହୋଇପାରେ । ଗୁରୁ, ଶୁକ୍ରବାରରେ ସମସ୍ୟା ଘେରରେ ରହିବେ । ଶନିବାରରେ ସୁଖସମୃଦ୍ଧି, ବ୍ୟବସାୟିକ ଉତ୍ତମ ଲାଭ ମିଳିବ ।


**ବୃଷ**

ରବିବାରରେ ଉଚ୍ଚଆଶା ସଫଳ ହେବ । ସୋମ, ମଙ୍ଗଳ, ବୁଧବାରରେ ବ୍ୟସ୍ତତା, ଦୂରଯାତ୍ରା, କର୍ମକ୍ଷେତ୍ରରେ ସହଯୋଗ ପାଇବେ । ଗୁରୁ, ଶୁକ୍ରବାରରେ ହର୍ଷୋଲ୍ଲାସ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି । ଶନିବାରରେ କିଛି ସମସ୍ୟା ଦେଖାଦେଇପାରେ । ବ୍ୟବସାୟ ମାନ୍ଦା ରହିବ ।


**ମିଥୁନ**

ରବିବାରରେ ସମାଜରେ ପ୍ରତିଷ୍ଠା ବୃଦ୍ଧି, ସୁଖ ସନ୍ତୋଷପ୍ରାପ୍ତି ହେବ । ସୋମ, ମଙ୍ଗଳ, ବୁଧବାରରେ ଅର୍ଥପ୍ରାପ୍ତି, କାର୍ଯ୍ୟସିଦ୍ଧି, ରାଜନୀତିରେ ସୁନାମ ପାଇବେ । ଗୁରୁ, ଶୁକ୍ରବାରରେ ପରିଶ୍ରମୀ, ସଫଳ ହେବେ । ଶନିବାରରେ ଚଳଞ୍ଚଳ, ବ୍ୟବସାୟିକ ପ୍ରସାର ହେବ ।


**କର୍କଟ**

ରବିବାରରେ ସାମର୍ଥ୍ୟ ଅନୁଯାୟୀ ଉନ୍ନତି, ଭାଇଭଉଣୀଙ୍କ ସହଯୋଗ ମିଳିବ । ସୋମ, ମଙ୍ଗଳ, ବୁଧବାରରେ ଚଳଚଞ୍ଚଳ, ଉତ୍ତମ ବୁଝାମଣା ରହିବ । ଗୁରୁ, ଶୁକ୍ରବାରରେ ଚିନ୍ତାଜନକ ପରିସ୍ଥିତି ରହିବ । ଶନିବାରରେ ଅର୍ଥପ୍ରାପ୍ତି, ବ୍ୟବସାୟିକ ସଫଳତା ମିଳିବ ।


**ସିଂହ**

ରବିବାରରେ ଅର୍ଥଚିନ୍ତା, ପଡ଼ୋଶୀଙ୍କ ସହ ମନାନ୍ତର ରହିବ । ସୋମ, ମଙ୍ଗଳ, ବୁଧବାରରେ କାର୍ଯ୍ୟଦକ୍ଷ, ଉଚ୍ଚସମ୍ମାନ ପ୍ରାପ୍ତି ହେବ । ଗୁରୁ, ଶୁକ୍ରବାରରେ ବନ୍ଧୁ ସହଯୋଗ, ଅର୍ଥିକ ଯୋଜନା ଫଳପ୍ରସୂ ହେବ । ଶନିବାରରେ ପ୍ରତିକୂଳ ପରିସ୍ଥିତି, ବ୍ୟବସାୟିକ ସମସ୍ୟା ରହିବ ।


**କନ୍ୟା**

ରବିବାରରେ କାର୍ଯ୍ୟମନ୍ଥର, ସନ୍ତାନସନ୍ତତିଙ୍କୁ ନେଇ ଚିନ୍ତା ରହିବ । ସୋମ, ମଙ୍ଗଳ, ବୁଧବାରରେ ପରିଶ୍ରମର ଫଳପ୍ରାପ୍ତି, ଆର୍ଥିକ ସୁଧାର ଆସିବ । ଗୁରୁ, ଶୁକ୍ରବାରରେ ବିଭିନ୍ନ ମାର୍ଗରୁ ଉପାର୍ଜନ କରିବେ । ଶନିବାରରେ କାର୍ଯ୍ୟହାନି, ବ୍ୟବସାୟିକ କ୍ଷତି ହୋଇପାରେ ।


**ତୁଳା**

ରବିବାରରେ ଚଳଚଞ୍ଚଳ, ଭ୍ରମଣର ସୁଯୋଗ ପାଇବେ । ସୋମ, ମଙ୍ଗଳ, ବୁଧବାରରେ କୌଣସି ବିଷୟକୁ ନେଇ ଚିନ୍ତାରେ ରହିବେ । କାର୍ଯ୍ୟ ମନ୍ଥର ରହିବ । ଗୁରୁ, ଶୁକ୍ରବାରରେ ଦୃଢ଼ମନା, ଅର୍ଥପ୍ରାପ୍ତି ହୋଇପାରେ । ଶନିବାରରେ ସୁଖସମ୍ମାନ ପ୍ରାପ୍ତି, ବ୍ୟବସାୟିକ ସନ୍ତୋଷଜନକ ଫଳ ମିଳିବ ।


**ବିଛା**

ରବିବାରରେ କାର୍ଯ୍ୟ ବିଳମ୍ବ ଓ ଖର୍ଚ୍ଚାନ୍ତ ଦେଖାଦେବ । ସୋମ, ମଙ୍ଗଳ, ବୁଧବାରରେ କାର୍ଯ୍ୟସଫଳ, ସ୍ୱପ୍ନ ସାକାର ହେବ । ଗୁରୁ, ଶୁକ୍ରବାରରେ ସଞ୍ଚୟ, ଚଳଚଞ୍ଚଳ ରହିବେ । ଶନିବାରରେ ଦୂରଯାତ୍ରା, ବ୍ୟବସାୟରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି ହେବ ।


**ଧନୁ**


ରବିବାରରେ ଶତ୍ରୁବୃଦ୍ଧି, କାର୍ଯ୍ୟହାନି, ଚିନ୍ତିତ ରହିବେ । ସୋମ, ମଙ୍ଗଳ, ବୁଧବାରରେ ସମସ୍ୟା ବହୁଳ, ବିରୋଧାଭାସ ଦେଖାଦେବ । ଗୁରୁ, ଶୁକ୍ରବାରରେ ସୁଖସମ୍ମାନ, ଉତ୍ତମ ଆୟ ହେବ । ଶନିବାରରେ ଉଚ୍ଚାଭିଳାଷୀ, ବ୍ୟବସାୟିକ ଉନ୍ନତି ହେବ ।


**ମକର**

ରବିବାରରେ ସୁଖଶାନ୍ତି, ବନ୍ଧୁବାନ୍ଧବଙ୍କ ଆଗମନ ହୋଇପାରେ । ସୋମ, ମଙ୍ଗଳ, ବୁଧବାରରେ ଅଶାନ୍ତି, ଦ୍ରବ୍ୟହାନି, ଆର୍ଥିକ ଚାପ ରହିବ । ଗୁରୁ, ଶୁକ୍ରବାରରେ ଅସ୍ଥିରତା, ବ୍ୟୟବୃଦ୍ଧି ହେବ । ଶନିବାରରେ ପ୍ରସନ୍ନତା, ବ୍ୟବସାୟିକ ଲାଭ ମିଳିବ ।


**କୁମ୍ଭ**

ରବିବାରରେ କର୍ମତତ୍ପର, ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ । ସୋମ, ମଙ୍ଗଳ ବୁଧବାରରେ ଦ୍ରବ୍ୟାଦି ଲାଭ, ଆର୍ଥିକ ଉନ୍ନତି ହେବ । ଗୁରୁ, ଶୁକ୍ରବାରରେ ଶତ୍ରୁବୃଦ୍ଧି, ଚୋରି ଭୟ ଦେଖାଦେଇପାରେ । ଶନିବାରରେ ଅସହଯୋଗ ଓ ବ୍ୟବସାୟିକ ମନ୍ଥର ରହିବ ।


**ମୀନ**

ରବିବାରରେ ସ୍ୱାଦିଷ୍ଟ ଭୋଜନ ଓ ସୁଖଶାନ୍ତି ପାଇବେ । ସୋମ, ମଙ୍ଗଳ, ବୁଧବାରରେ ଆର୍ଥିକ ଚାପ, ବନ୍ଧୁମନାନ୍ତର ଦେଖାଦେବ । ଗୁରୁ, ଶୁକ୍ରବାରରେ ସୁଖସମ୍ମାନ, କାର୍ଯ୍ୟସିଦ୍ଧି ହେବ । ଶନିବାରରେ ପ୍ରଶଂସାଭାଜନ, ବ୍ୟବସାୟିକ ସଫଳତା ମିଳିବ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



# ଓଡ଼ିଶାରେ ସଂକୀର୍ତ୍ତନ ପରମ୍ପରା

ଭାରତୀୟ ସଂସ୍କୃତିରେ ନାମ ସଂକୀର୍ତ୍ତନ ପରମ୍ପରା ଅତ୍ୟନ୍ତ ପ୍ରାଚୀନ । ସମାଜରେ ଏହାର ପ୍ରଭାବ ସୁଦୂରପ୍ରସାରୀ । ନାମ ସଂକୀର୍ତ୍ତନ ସହିତ ଭାରତୀୟ ଜନଜୀବନ ଓତପ୍ରୋତ ଭାବେ ଜଡ଼ିତ- କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତବର୍ଷର ଧର୍ମ, ଦର୍ଶନ ସାହିତ୍ୟ, ସଂସ୍କୃତି ଓ ସାମାଜିକ ବିଧିବ୍ୟବସ୍ଥା ସମଗ୍ର ବିଶ୍ୱକୁ ଆଦର୍ଶର ବାର୍ତ୍ତା ପ୍ରଦାନ କରିଛି । ଓଡ଼ିଶାରେ ସଂକୀର୍ତ୍ତନର ପରମ୍ପରା, ଆଭିମୁଖ୍ୟ, ଶ୍ରୀଚୈତନ୍ୟ ଓ ସଂକୀର୍ତ୍ତନର ପ୍ରଚାରପ୍ରସାର ଆଦିକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।



ଡକ୍ଟର ଅଭିମନ୍ୟୁ ବରାଳ

## ପୁରାଣରେ ସଂକୀର୍ତ୍ତନ

ଭାରତ ହେଉଛି ଋଷି, ମୁନିର ଦେଶ। ତତ୍‌ପ୍ରଣୀତ ବେଦ, ବେଦାନ୍ତ, ଉପନିଷଦ୍ ଓ ପୁରାଣ ପ୍ରଭୃତି ଶୃଙ୍ଖଳିତ ଜୀବନଯାତ୍ରାର ଯଥାର୍ଥ ନିଦର୍ଶନ କହିଲେ – ସତ୍ୟର ଅପଳାପ ହେବନାହିଁ । ଯାହାକୁ ବିଶ୍ୱ ସମୁଦାୟ ଅନୁକରଣ ପୂର୍ବକ ଭାରତର ପ୍ରଶଂସାଗାନ କରିବାରେ ଶତମୁଖର ହୋଇଛନ୍ତି । ତେଣୁ 'ପଦ୍ମ ପୁରାଣ'ରେ କୁହାଯାଇଛି-

**"ବର୍ଷାଣାଂ ଭାରତ ଶ୍ରେଷ୍ଠଃ, ଦେଶାନା ଉତ୍କଳ ସ୍ମୃତମ୍ ।
ଉତ୍କଳସ୍ୟ ସମୋଦେଶଃ, ପୁତ୍ରନାସ୍ତି ମହୀତଳେ ॥"**

ଭଗବାନଙ୍କ ପାଖରେ ଭକ୍ତି କରିବାର ମାର୍ଗ ହେଉଛି ନଅ ପ୍ରକାରର 'ଶ୍ରୀମଦ୍ ଭାଗବତ'ରେ ଭଗବାନ ବେଦବ୍ୟାସ ପ୍ରତିପାଦନ କରନ୍ତି-

**"ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ ପାଦ ସେବନମ୍ ।
ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟଂ ଆତ୍ମନିବେଦନମ୍ ।"**

(ଭା:୭/୫/୩)

ଉପରୋକ୍ତ ୯ଟି କଥାକୁ କୁହାଯାଏ 'ନବଧାଭକ୍ତି' । ଯଥା- ଭଗବାନଙ୍କ ଗୁଣସବୁ ଶ୍ରବଣ କରିବା, ନାମ ସ୍ମରଣ, ପାଦସେବନ, ପୂଜନ, ବନ୍ଦନ, ଦାସ୍ୟ, ସଖ୍ୟ ଓ ଆତ୍ମସମର୍ପଣ। ଦ୍ୱିତୀୟ ପର୍ଯ୍ୟାୟ ଭକ୍ତି ହେଲା କୀର୍ତ୍ତନ କରିବା। ଏହି କୀର୍ତ୍ତନ ପ୍ରଥମେ କିଏ କରିଥିଲେ? ବିଷ୍ଣୁଶ୍ରବଣେ ପରୀକ୍ଷିତ ଭବତ୍। ବୟାସକିଃ କୀର୍ତ୍ତନେ –ଅର୍ଥାତ୍-ଭଗବାନଙ୍କ ଗୁଣଶ୍ରବଣରେ ପରୀକ୍ଷିତ ବିଶିଷ୍ଟ ଅଟନ୍ତି ଓ କୀର୍ତ୍ତନରେ ଶୁକଦେବଜୀ ଶ୍ରେଷ୍ଠ ଅଟନ୍ତି ।

ଏହି କୀର୍ତ୍ତନ କିଏ କରିଥିଲେ –

**"ପ୍ରହ୍ଲାଦ ସ୍ଥାଳଧାରୀ ଚରଣ ଶତିତୟାଗେନ୍ଦ୍ରବଃ କାଂସ୍ୟଧାରୀ ।
ବୀଣାଧାରୀ ସୁରଷଃ ସ୍ୱରକୁଶୟୋରାଗ କୀର୍ତ୍ତୀଜ୍ଜୁର୍ନୋତ ଭୂତ୍ ।
ଇନ୍ଦ୍ରୋରବାଦିନୋ ମୃଦଙ୍ଗଂ ଜୟ ଜୟ ସୁକରାଃ କୀର୍ତ୍ତନଂ ତେକୁମାରା
ଯତ୍ରା ଗ୍ରେଗ୍ ଭାବଭକ୍ତ ସରସ ରଚୟୋ ବ୍ୟାସପୁତ୍ର ବଭୂବା ॥**

ଅର୍ଥାତ୍ – ପ୍ରହ୍ଲାଦ ତାଳ ଧରିଥିଲେ, ଦେବର୍ଷି ନାରଦ ବୀଣା ଧାରଣ କରିଥିଲେ, ଅର୍ଜୁନ ସ୍ୱରଲୟରେ ଗାନ କରୁଥିଲେ। ଇନ୍ଦ୍ର ମୃଦଙ୍ଗ ବାଦନ କରୁଥିଲେ। ମୁନିଗଣ ଜୟଜୟକାର ଧ୍ୱନି କଲେ। ତେଜସ୍ୱୀ ଭକ୍ତି ଜ୍ଞାନ ଓ ବୈରାଗ୍ୟଟେ ସମାନ ନର୍ତ୍ତନ କଲେ । ଏହା ଥିଲା ମହାସଂକୀର୍ତ୍ତନ ।

କଳିକବଳିତ ମାନବର ଉଦ୍ଧାର ପାଇଁ ଋଷିମୁନିମାନେ ମୁକ୍ତିମାର୍ଗର ନିଦର୍ଶନ କରିଛନ୍ତି । ସେହି ମହାତ୍ମାମାନେ ମନୁଷ୍ୟର କଲ୍ୟାଣ କଳ୍ପେ ବିଭିନ୍ନ ଗ୍ରନ୍ଥରଚନା ପୂର୍ବକ ମାନବକୁ ସଚେତନ କରିଛନ୍ତି। ପୂର୍ବାଚାର୍ଯ୍ୟମାନେ କହିଛନ୍ତି –"କୃତେ ଯତ୍ ଧାୟତେ ବିଷ୍ଣୁଂ, ତେତୟା, ଯଯତମଖୈ, ଦ୍ୱାପରେ ପରିଚର୍ଯ୍ୟାୟୀ, କଳୌତତ୍ ହରି କୀର୍ତ୍ତନାତ୍ ।"

ଅର୍ଥାତ୍-ସତ୍ୟଯୁଗରେ ଉପାସନା ଦ୍ୱାରା, ତ୍ରେତାଯୁଗରେ ଯଜ୍ଞ ଦ୍ୱାରା, ଦ୍ୱାପର ଯୁଗରେ ପରିଚର୍ଯ୍ୟା ଦ୍ୱାରା ଓ କଳିଯୁଗରେ ନାମ ସଂକୀର୍ତ୍ତନ ଦ୍ୱାରା ମୁକ୍ତି ମିଳିଥାଏ। ତେଣୁ ପୂର୍ବାଚାର୍ଯ୍ୟମାନେ ଉଦାତ୍ତ କଣ୍ଠରେ ଘୋଷଣା କରିଛନ୍ତି- 'ହରିନାମ ହରିନାମ ହରିର୍ନାମୈବ କେବଳଂ, କଳୌନାସ୍ତ୍ୟେବ, ନାସ୍ତ୍ୟେବ, ନାସ୍ତ୍ୟେବ ଗତିରନାଥା'। ଅର୍ଥାତ୍- ହରିନାମ କୀର୍ତ୍ତନ ଦ୍ୱାରା କଳିଯୁଗରେ ମୁକ୍ତି ମିଳୁ ବୋଲି ଦୃଢ଼ତାର ସହିତ ତ୍ରିବାର ଘୋଷଣା କରାଯାଇଛି ।

ବୟା କରଣିକ ବିଚାରରେ ନାମ ସଂକୀର୍ତ୍ତନରେ ପ୍ରକୃତି ପ୍ରତ୍ୟୟ-ହେଲା – 'ସମ୍ ଉପସର୍ଗ +କୀର୍ତ୍ତ ଧାତୁ+ଲୁଟ୍ ପ୍ରତ୍ୟୟ ଯୋଗରେ' ସଂକୀର୍ତ୍ତନ, ଅର୍ଥ ହେଲା ଦେବୋତାନି ଯଶୋଚାରଣ । ଯାହାର ଅର୍ଥ ଭଗବାନଙ୍କ ଗୁଣ କୀର୍ତ୍ତନ କରିବା। ସଂକୀର୍ତ୍ତନ ଇତି ସଂକୀର୍ତ୍ତନିମ୍। ସଂକୀର୍ତ୍ତତେ ଇତି ସଂକୀର୍ତ୍ତନମ୍। ଅର୍ଥାତ୍ ଭଗବାନଙ୍କ ନାମ ଶ୍ରଦ୍ଧାରେ ଗାନ କରିବା। ତେଣୁ ଭଗବାନ ବେଦବ୍ୟାସ କହିଛନ୍ତି –

**"ନାମ ସଂକୀର୍ତ୍ତନଯସ୍ୟ ସର୍ବପାପ ପ୍ରଣାସନମ୍ ।
ପ୍ରଣାମୋ ଦୁଃଖୀ-ଶମନସ୍ତଂ ନମାଣି ଋରିଂ ପରମ୍ ।"**

ଅର୍ଥାତ୍ ଯେଉଁ ଭଗବାନଙ୍କ ନାମକୁ ସଂକୀର୍ତ୍ତନ କରିବା ଦ୍ୱାରା ସମସ୍ତ ପାପ ସର୍ବଥା ନଷ୍ଟ ହୋଇଥାଏ, ଯେଉଁ ଭଗବାନଙ୍କ ଶ୍ରୀଚରଣରେ ଆତ୍ମସମର୍ପଣ ଦ୍ୱାରା ଚିରଶାନ୍ତି ପ୍ରାପ୍ତ ହୁଏ, ସେହି ପରମେଶ୍ୱର ଶ୍ରୀହରିଙ୍କୁ ମୁଁ ନମସ୍କାର କରୁଅଛି, ଭାଗବତର ଶେଷ ଶ୍ଳୋକରେ ଏହା କୁହାଯାଇଛି ।

ଶାସ୍ତ୍ରରେ କୁହାଯାଇଛି, କଳୌନାମ ସଂକୀର୍ତ୍ତନମ୍ । ଅର୍ଥାତ୍ କଳିଯୁଗରେ ସାର ହେଲା ନାମ ସଂକୀର୍ତ୍ତନ। ଓଡ଼ିଆ ଭାଗବତରେ ଅତିବଡ଼ି ଜଗନ୍ନାଥ ଦାସ କହିଛନ୍ତି – "କୃଷ୍ଣ ମୂରତ୍ତି ଭଗବାନ। କେବଳ ନାମ ସଂକୀର୍ତ୍ତନ।

ଯୁଗକୁ ଯୁଗ ଏହି ମତେ। ପରମାନନ୍ଦ ଏ ଜଗତେ॥" (ଭା:୧୧/୬) ପୁନଶ୍ଚ ନାମ ସଂକୀର୍ତ୍ତନର ମହିମା ବର୍ଣ୍ଣନା କରିବାକୁ ଯାଇ ଭାଗବତକାର କହିଛନ୍ତି- " ବେଦ ବିଚାରି ବ୍ରହ୍ମଭାଗ। ବୋଲନ୍ତି ଧନ୍ୟ କଳିଯୁଗ। ବ୍ରାହ୍ମଣ ଆଦି ଚାରିବର୍ଣ୍ଣେ। କୃଷ୍ଣର ନାମ ସଂକୀର୍ତ୍ତନେ। ମୁଖେ ଉଚାରି ନିତିନିତି। ଅଶେଷ ପାପୁଁ ନିସ୍ତରନ୍ତି " (ଭା: ୧୧/୬) କଳିଯୁଗରେ ନାମ ସଂକୀର୍ତ୍ତନ ଏକମାତ୍ର ମୁକ୍ତିର ମାର୍ଗ। ତେଣୁ ଭାଗବତ କହିଛନ୍ତି –"ସେ ଯୁଗେ ନାମ ସଂକୀର୍ତ୍ତନ। କରି ତରିବେ ସର୍ବଜନ।"

ଏପରିକି ଯେଉଁମାନେ ଅଧିକାରୀ ନୁହଁନ୍ତି ବୋଲି ବିବେଚନା କରାଯାଏ, ସେମାନେ ମଧ୍ୟ ସଂକୀର୍ତ୍ତନ ଦ୍ୱାରା ମୁକ୍ତି ଲାଭ କରିପାରିବେ। ତେଣୁ ଭାଗବତରେ କୁହାଯାଇଛି – "ସ୍ତ୍ରୀ ଶୂଦ୍ର ପତିତ ଚଣ୍ଡାଳେ। ତରିଲେ ସାଧୁ ସଙ୍ଗ ମେଳେ।" (ଭା:୧୧/୧୨)

କଳିଯୁଗରେ ନାମ ସଂକୀର୍ତ୍ତନର ମହତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରମ ରାମଭକ୍ତ ତଥା ରାମତାରକ ମନ୍ତ୍ର ସିଦ୍ଧ ଯୋଗୀ ଗୋସ୍ୱାମୀ ତୁଳସୀ ଦାସ ସ୍ୱୀୟ 'ଶ୍ରୀରାମ ଚରିତ ମାନସ' ଗ୍ରନ୍ଥରେ ସ୍ପଷ୍ଟ ଭାବରେ କହିଛନ୍ତି- "କଳିଯୁଗ ସମଯୁଗ ଆନ ନାହିଁ, ଯୋ ନର କରହୁ ବିଶ୍ୱାସ। ଗାଇରାମ ଗୁନଚନ ବିମଲ ଭବତର ବିନ ହିଁ ପ୍ରୟାସ।"

ଅର୍ଥାତ୍ ଅନ୍ୟ ଯୁଗଭଳି କଠୋର ତପସ୍ୟା, ଯଜ୍ଞାଦି ନକରି ମଧ୍ୟ ନର କେବଳ ଭଗବାନଙ୍କ ନାମ ଗାନକରି ବିନା ପ୍ରୟାସରେ ଭବସିନ୍ଧୁ ପାର ହୋଇ ପାରିବ। ପୁନଶ୍ଚ ଗୋସ୍ୱାମୀ ଜୀ କହିଛନ୍ତି – "କଲି ଯୁଗ କେବଲ ନାମ ଅଧାରା। ସୁମିରି ସୁମିରି ନର ଉତରହି ପାରା।" ତେଣୁ କଳିଯୁଗରେ ସଂକୀର୍ତ୍ତନ ଅତ୍ୟନ୍ତ ମହତ୍ତ୍ୱ ବହନ କରେ।

ପଞ୍ଚଦଶ ଶତାବ୍ଦୀର ଶେଷ ଭାଗରେ ଶ୍ରୀଚୈତନ୍ୟଙ୍କ ଆବିର୍ଭାବ ପରେ ଏହି ସଂକୀର୍ତ୍ତନର ସ୍ୱରୂପରେ କିଛିଟା ପରିବର୍ତ୍ତନ ପରିଦୃଷ୍ଟ ହେଲା। ନାମ ସଂକୀର୍ତ୍ତନରେ ରୂପରେଖ ଏକ ମୃଦୁ ମଧୁର ଢଙ୍ଗରେ ପ୍ରକାଶିତ ହେଲା। ସଂକୀର୍ତ୍ତନ ପାଇଁ ମୃଦଙ୍ଗ, ମନ୍ଦିରା, ଝାଞ୍ଜ, ଗିନି ପ୍ରଭୃତିର ଆବଶ୍ୟକତା ଉପଲବ୍ଧ ହେଲା। ଏହି ସବୁ ବାଦ୍ୟଯନ୍ତ୍ରର ସମାହାରରେ ସଂକୀର୍ତ୍ତନରେ ଏକ ମଧୁମୟ ଭକ୍ତିରସର ପ୍ଲାବନ ଘଟିଲା।

ଆନନ୍ଦ ଲୀଳାମୟ ବିଗ୍ରହ, ପ୍ରେମପୁରୁଷୋତ୍ତମ ଶ୍ରୀ ଗୌରଚନ୍ଦ୍ର ଭଗବାନ- ଏବଂ ତାଙ୍କର ନିତ୍ୟ ସହଚର ଶ୍ରୀ ନିତ୍ୟାନନ୍ଦ ପ୍ରଭୁ ହେଉଛନ୍ତି ଏହି ନାମ ସଂକୀର୍ତ୍ତନର ଜନକ। ତେଣୁ ବୈଷ୍ଣବ କବି ଶ୍ରୀ ରୂପ ଗୋସ୍ୱାମୀ, କହିଛନ୍ତି-

"ଆଜାନୁ ଲମ୍ବିତ ଭୁଜୌ, କନକାବଦାତୌ, ସଂକୀର୍ତ୍ତନକୁ ପିତରୌ କମଳାୟତାକ୍ଷୌ, ବିଶ୍ୱମ୍ଭରୌ ଦ୍ୱିଜବରୌ ଯୁଗଧମପାଳୌ, ବନ୍ଦେ ଜଗତ୍ ପ୍ରିୟ କରୌ କରୁଣାବତାରୌ।" ଏହି ନାମ ସଂକୀର୍ତ୍ତନ ଦ୍ୱାରା ସେ ଜଗାଇ, ମଧାଇ ଭଳି ପାଷାଣ୍ଡ ଦ୍ୱୟଙ୍କୁ ଉଦ୍ଧାର କରି ଭଗବତ ପ୍ରେମ ବନ୍ୟାରେ ପ୍ଲାବିତ କରିଥିଲେ। ନାମସଂକୀର୍ତ୍ତନ ଶ୍ରବଣରେ ପଶୁପକ୍ଷୀ ମଧ୍ୟ ହିଂସ୍ର ପ୍ରକୃତିକୁ ଭୁଲିଯାଇ ମହାପ୍ରଭୁଙ୍କ ପଶ୍ଚାଧାବନ କରୁଥିବାର ପ୍ରମାଣ ରହିଛି।

## ଶ୍ରୀଚୈତନ୍ୟ ଓ ସଂକୀର୍ତ୍ତନ

ଓଡ଼ିଶାର ତତ୍‌କାଳୀନ ଗଜପତି ମହାରାଜ ପ୍ରତାପ ରୁଦ୍ରଦେବ ଥିଲେ ଶ୍ରୀଚୈତନ୍ୟଙ୍କର ଜଣେ ଅନନ୍ୟ ଭକ୍ତ। ତେଣୁ ଶ୍ରୀଚୈତନ୍ୟଙ୍କ ପ୍ରଚାରିତ ବୈଷ୍ଣବ ଧର୍ମ ଓ ନାମ ସଂକୀର୍ତ୍ତନ ରାଜାନୁଗ୍ରହ ଲାଭ କରିବା ସହିତ ଓଡ଼ିଶାର ଗ୍ରାମେ ଗ୍ରାମେ ଭାଗବତ ଟୁଙ୍ଗି ପ୍ରତିଷ୍ଠା ହେଲା ଓ ତହିଁରେ ନାମ ସଂକୀର୍ତ୍ତନର ବ୍ୟବସ୍ଥା ରହିଲା। ପ୍ରତ୍ୟେକ ସନ୍ଧ୍ୟାରେ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରୁ ଗୋଟିଏ ଅଧ୍ୟାୟ ପାଠ କରିବା ପରେ ସଂକୀର୍ତ୍ତନ କରି ଜନପଦର ଜନତାମାନେ ଏକ ଅଭିନବ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କଲେ।

ଏତଦ୍ ବ୍ୟତୀତ ଅଖଣ୍ଡ ନାମ ଯଜ୍ଞ ମଧ୍ୟ ଅନେକ ସ୍ଥାନରେ ପ୍ରତିଷ୍ଠା ହୋଇଛି। ନାମାଚାର୍ଯ୍ୟ ବାୟାବାବା ଓଡ଼ିଶାର ବିଭିନ୍ନ ସ୍ଥାନରେ ଅଖଣ୍ଡ ନାମ ପ୍ରତିଷ୍ଠା କରିଛନ୍ତି। ଏପରିକି ଶ୍ରୀଧାମ ବୃନ୍ଦାବନରେ ମଧ୍ୟ ଆଶ୍ରମ କରି ଅଖଣ୍ଡ ନାମର ପ୍ରତିଷ୍ଠା କରିଛନ୍ତି। ଏସବୁ ଅଖଣ୍ଡ ନାମ ଯଜ୍ଞ କେବଳ ଭିକ୍ଷାରେ ହିଁ ଚଳେ। ବିଶିଷ୍ଟ ସନ୍ଥ ଶ୍ରୀ ଶ୍ରୀ ସୀତାରାମ ଦାସ ଓଁକାର ନାଥ ମଧ୍ୟ କେତେକ ସ୍ଥାନରେ ଅଖଣ୍ଡ ନାମର ବ୍ୟବସ୍ଥା କରିଛନ୍ତି। ଓଡ଼ିଶାରେ କାହାର ମହାପ୍ରୟାଣ ହେଲେ ତା'ର ୧୩ ବା ୧୪ ଦିନ ନାମ ସଂକୀର୍ତ୍ତନ କରାଯାଏ। ଏହାଦ୍ୱାରା ଆତ୍ମାର ସଦ୍‌ଗତି ହେବା ସହିତ ଆତ୍ମା ସ୍ୱର୍ଗପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ସଂକୀର୍ତ୍ତନର କୌଣସି ସମୟ ନାହିଁ ଯେ କୌଣସି ଦିନରେ ଏହା ହୋଇପାରିବ। ବିଶେଷତଃ ଦୋଳ- ଦଶହରା ପରି ଉତ୍ସବ ଦିନରେ, ମେଳଣପ୍ରଭୃତି ସମୟରେ ଠାକୁରଙ୍କ ସମ୍ମୁଖରେ କରାଯାଏ।



## କୀର୍ତ୍ତନ ଓ ସଂକୀର୍ତ୍ତନ ମଧ୍ୟରେ ପ୍ରଭେଦ

ଗୌରାଙ୍ଗ ମହାପ୍ରଭୁଙ୍କ ଭକ୍ତମାନେ ସୃଷ୍ଟି କରିଥିବା ପରମ୍ପରା ଅନୁସାରେ ସଂକୀର୍ତ୍ତନ ସର୍ବତ୍ର ଚାଲିଛି। କୀର୍ତ୍ତନ ଏବଂ ସଂକୀର୍ତ୍ତନ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ନାହିଁ। ଏକା ଏକା ଭଗବାନଙ୍କ ନାମକୁ ବସି ଭଜନ କରିବାକୁ କୀର୍ତ୍ତନ କୁହାଯାଏ। ଏକାଧିକ ବ୍ୟକ୍ତି ମୃଦଙ୍ଗ ମନ୍ଦିରା ପ୍ରଭୃତି ବାଦ୍ୟଯନ୍ତ୍ର ସହିତ ଭଗବାନଙ୍କ ନାମକୁ କୀର୍ତ୍ତନ କରିବା, ନର୍ତ୍ତନ ସହିତ ନାମଗାନ କରିବାକୁ ସଂକୀର୍ତ୍ତନ କୁହାଯାଏ। କୀର୍ତ୍ତନେନ ସହ ବର୍ତ୍ତମାନ ଇତି ସଂକୀର୍ତ୍ତନ।

ବୈଷ୍ଣବମାନେ ଏହି ନାମ ସଂକୀର୍ତ୍ତନକୁ ବିଭିନ୍ନ ଭାବରେ ବିଭକ୍ତ କରିଛନ୍ତି। ଯଥା:- ଚତୁର୍ଥ ପ୍ରହରୀ, ନାମ ଯଜ୍ଞ, ଅଷ୍ଟପ୍ରହରୀ, ଚବିଶ ପ୍ରହରୀ, ବାସ୍ତରି ପ୍ରହରୀ ବା ନବରାତ୍ର ନାମ ସଂକୀର୍ତ୍ତନ ଏବଂ ଅଖଣ୍ଡ ନାମ ସଂକୀର୍ତ୍ତନ। ନାମ ଏକ ଯଜ୍ଞ।

### ଚତୁର୍ଥ ପ୍ରହରୀ

ଚାରି ପ୍ରହର ନାମ ଅନୁଷ୍ଠାନକୁ ଚତୁର୍ଥ ପ୍ରହରୀ କୁହାଯାଏ। ଭକ୍ତନାମ ଉଦୟରୁ ଅସ୍ତ କିମ୍ବା ଅସ୍ତରୁ ଉଦୟ .. କରାଯାଇପାରେ। କମ୍ ଲୋକସଂଖ୍ୟା ବିଶିଷ୍ଟ ଗାଁର ଲୋକମାନେ ଏହାକୁ ସହଜରେ କରିପାରିବେ। ଘରୋଇ ଲୋକଟିଏ ମଧ୍ୟ ଏକା ଏକା ଏହାକୁ ସହଜରେ କରିପାରିବ। ଅଖଣ୍ଡ ଜାଳି ଚାରି ପ୍ରହର ଏ ନାମ ନିଷ୍ଠାର ସହିତ କରାଯିବ। ନାକୁ ଖଣ୍ଡିତ ହେବାକୁ ଦିଆଯିବ ନାହିଁ। ନାମ ବଢ଼ିଲେ ନଗର କୀର୍ତ୍ତନ କରି ପ୍ରସାଦ ସେବନ କରାଯିବ।

### ଅଷ୍ଟ ପ୍ରହରୀ

ଏହି କୀର୍ତ୍ତନ ୮ ପ୍ରହର ତଥା ୨୪ ଘଣ୍ଟା ଚାଲେ। ଉଦୟରୁ ପରଦିନ ଉଦୟ ପର୍ଯ୍ୟନ୍ତ। ପରଦିନ ସୂର୍ଯ୍ୟୋଦୟରେ ନାମ ସଂକୀର୍ତ୍ତନ ବଢ଼ିବ ବା ଉଦ୍‌ଯାପନ ହେବ। ତାପରେ ସମସ୍ତେ ନଗର କୀର୍ତ୍ତନ କରି ଯମୁନା ଗାଧୁଆ ପରେ ପ୍ରସାଦ ସେବନ କରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରନ୍ତି।

### ଚବିଶ ପ୍ରହରୀ

ଏହା ୩ ଦିନ ଓ ୩ ରାତି ପର୍ଯ୍ୟନ୍ତ ହୁଏ। ଦଳଦଳ କୀର୍ତ୍ତନ ମଣ୍ଡଳୀ ପାଳି ଅନୁସାରେ ନାମରକ୍ଷା କରନ୍ତି। ତୃତୀୟ ଦିନ ସୂର୍ଯ୍ୟୋଦୟରେ ଏହା ବଢ଼େ।

### ନବରାତ୍ର ବା ବାସ୍ତରି ପ୍ରହରୀ

ଏହା ଅତ୍ୟନ୍ତ କଷ୍ଟକର ନାମ ଯଜ୍ଞ। ଦୀର୍ଘ ୯ ଦିନ ୯ ରାତ୍ର ଏହି ସଂକୀର୍ତ୍ତନ ଚାଲୁଥାଏ। ନାମାଚାର୍ଯ୍ୟ ବାୟାବାବା ଏହି ଭଳି ନାମ ଯଜ୍ଞ ବହୁ ସ୍ଥାନରେ କରନ୍ତି।





## ନଦୀୟା ସଂକୀର୍ତ୍ତନ ଏବଂ ଓଡ଼ିଶୀ ସଂକୀର୍ତ୍ତନ

ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଦ୍ୱାରା ସଂକୀର୍ତ୍ତନ ବଙ୍ଗଳା ବାଟ ଦେଇ ଓଡ଼ିଶାରେ ପ୍ରବେଶ କରିଛି। ପରବର୍ତ୍ତୀ କାଳରେ ଏହି ସଂକୀର୍ତ୍ତନ ଦଳମାନେ ନଦୀୟା କୀର୍ତ୍ତନ ଓ ଓଡ଼ିଶୀ କୀର୍ତ୍ତନ ଭାବରେ ଦୁଇ ଭାଗରେ ବିଭକ୍ତ ହେଲେ। ଓଡ଼ିଶୀ କୀର୍ତ୍ତନକୁ କେହି କେହି 'ରାଣୀହାଟୀ' କୀର୍ତ୍ତନ ବୋଲି କହିଥାନ୍ତି। ସେହିପରି ନଦୀୟା କୀର୍ତ୍ତନକୁ ମଧ ଗୌଡ଼ଦେଶୀ କୀର୍ତ୍ତନ ବୋଲି କୁହାଯାଏ। ନଦିଆ କୀର୍ତ୍ତନ ପାଇଁ ସ୍ୱତନ୍ତ୍ର ରାଗ ରାଗିଣୀ ଓ ସ୍ୱତନ୍ତ୍ର ଢଙ୍ଗରେ ମୃଦଙ୍ଗ ନିର୍ମାଣ କରାଗଲା। ଓଡ଼ିଶୀ କୀର୍ତ୍ତନ ପାଇଁ ମଧ ସ୍ୱତନ୍ତ୍ର ଗୀତ ଓ ମୃଦଙ୍ଗ ବ୍ୟବସ୍ଥା ହେଲା, ଏପରିକି ଅନେକ ଗ୍ରାମରେ ନଦୀୟା ଓ ଓଡ଼ିଶୀ ଦୁଇଦଳ କୀର୍ତ୍ତନ ମଣ୍ଡଳୀ ରହିଲା। ଯାହାକୁ ଯାହା ଭଲ ଲାଗିଲା ସେ ସେ ଦଳରେ ଯୋଗ ଦେଲା। କିନ୍ତୁ ଉଭୟ ଦଳର ଗୀତଗୁଡ଼ିକ ଗୌରାଙ୍ଗ ମହାପ୍ରଭୁଙ୍କ ଚରିତ ଉପରେ ଆଧାରିତ। ନଦିଆ କୀର୍ତ୍ତନର ମାଧୁର୍ଯ୍ୟ ରସ ବେଶ ମନମୁଗ୍ଧକର।



କାରଣ ମାଧୁର୍ଯ୍ୟ ରସ ଉକ୍ତ କୀର୍ତ୍ତନର ଅଙ୍ଗୀରସ, ଓଡ଼ିଶୀ କୀର୍ତ୍ତନରେ ମାଧୁର୍ଯ୍ୟ ରସ ସହିତ ବୀର ରସର ମିଶ୍ରଣ ଘଟିଲା। ଅର୍ଥାତ୍ କୀର୍ତ୍ତନ ସମୟରେ ମୃଦଙ୍ଗକୁ ଧରି ବାୟକମାନେ ପରସ୍ପରକୁ ବୀରଠାଣିରେ ଚାହିଁବା, ଉଚ୍ଚ ନାଦରେ ମୃଦଙ୍ଗବାଦନ କରିବା ଇତ୍ୟାଦି ବୀରରସର ପ୍ରତିଫଳନ। ଏହାର କାରଣ ହେଲା ବୀର ଓଡ଼ିଆ ଖଣ୍ଡାୟତ ଓ ପାଇକମାନେ ଦାକ୍ଷିଣାତ୍ୟରେ ଯୁଦ୍ଧରେ ପ୍ରବୃତ୍ତ ଥିଲେ। କୃଷ୍ଣଦୁର୍ଗରେ ସେମାନେ ଅଧିପତ୍ର ବିସ୍ତାର କରି ରାୟରାମାନନ୍ଦଙ୍କ ନିର୍ଦ୍ଦେଶରେ ପରିଚାଳିତ ହେଉଥିଲେ। ସେମାନେ ନିଜ ଗ୍ରାମକୁ ଫେରି ବେକରେ ତୁଳସୀମାଳ ଧାରଣ କଲେ। ମୃଦଙ୍ଗ ବଜାଇ ନାମ ସଂକୀର୍ତ୍ତନରେ ନିଜକୁ ନିୟୋଜିତ କଲେ। ବୈଷ୍ଣବୀୟ ରୀତିରେ ସଂକୀର୍ତ୍ତନ କଲେ ମଧ ତାଙ୍କ ଭିତରେ ଥିବା ବୀରତ୍ୱ ବ୍ୟଞ୍ଜକ ଭାବ ତହିଁରେ ପ୍ରତିଫଳିତ ହେଲା। ବୀର ଓଡ଼ିଆ ଜାତି ଖଣ୍ଡା ତ୍ୟାଗକରି ବୈଷ୍ଣବୀୟ ଭାବଧାରାରେ ନିଜକୁ ପ୍ରତିଷ୍ଠା କଲା ଓଡ଼ିଶାର ରାଜଧର୍ମ ଭାବେ ବୈଷ୍ଣବ ଧର୍ମ ସ୍ୱୀକୃତି ଲାଭ କଲା। କାରଣ ଗଜପତି ପ୍ରତାପ ରୁଦ୍ରଦେବ ନିଜେ ଶ୍ରୀଚୈତନ୍ୟଙ୍କ ଅନୁଗାମୀ ହୋଇଗଲେ। ଫଳରେ ଏସବୁ ଘଟିଲା ଗ୍ରାମେ ଗ୍ରାମେ କୀର୍ତ୍ତନ ମଣ୍ଡଳୀ ପ୍ରତିଷ୍ଠା କରାଗଲା। ଶ୍ରୀ ଚୈତନ୍ୟଙ୍କ ପ୍ରଚାରିତ ବୈଷ୍ଣବ ଧର୍ମ ସର୍ବତ୍ର ପ୍ରଭାବ ବିସ୍ତାର କଲା।

## ଇସ୍କନ୍ ସଂକୀର୍ତ୍ତନ

ଶ୍ରୀଳ ପ୍ରଭୁପାଦ ଭକ୍ତିବେଦାନ୍ତ ଶାସ୍ତ୍ରୀ ମହୋଦୟ ଅନ୍ତର୍ଜାତୀୟ କୃଷ୍ଣ ଭାବନା ସଂଘ (ଇସ୍କନ୍)ଅନୁଷ୍ଠାନ ସୃଷ୍ଟି କରି ସୁଦୂର ଆମେରିକା, ଲଂଣ୍ଡନ ପରି ବିଦେଶ ରାଷ୍ଟ୍ରରେ ନାମ ସଂକୀର୍ତ୍ତନ ଓ ଭାଗବତର ପ୍ରଚାରପ୍ରସାର କରିବା ସହିତ ଶ୍ରୀଚୈତନ୍ୟଙ୍କ ବୈଷ୍ଣବ ଧର୍ମରେ ଅନେକ ଲୋକଙ୍କୁ ଦୀକ୍ଷିତ କରିଛନ୍ତି। ଏହି ସାଧୁ ଉଦ୍ୟମ ଭାରତ ବାହାରେ ବୈଷ୍ଣବ ଧର୍ମର ପ୍ରଚାର କରି ନାମ ସଂକୀର୍ତ୍ତନର ସାର୍ବଜନିନତାକୁ ବେଶ୍ ପ୍ରୋତ୍ସାହିତ କରୁଛି। ଗୋରା ପୁରୁଷ ଓ ନାରୀମାନେ ଗେରୁଆ ପରିଧାନ କରି, ମୃଦଙ୍ଗ ବାଦନ ସହିତ ଯେଉଁ ନୃତ୍ୟ ପରିବେଷଣ କରୁଛନ୍ତି, ବଙ୍ଗଳା କିମ୍ବା ଓଡ଼ିଶାରେ ଏପରି କୀର୍ତ୍ତନ କରିବା ବ୍ୟକ୍ତି ମିଳିବ ନାହିଁ। ଇସ୍କନ୍ ପକ୍ଷରୁ ବିଭିନ୍ନ ସ୍ୱତନ୍ତ୍ର ଉତ୍ସବରେ ସଂକୀର୍ତ୍ତନ ପରିବେଷଣ କରାଯାଏ।



## ସାମାଜିକ ଓ ସାଂସ୍କୃତିକ ଜୀବନରେ ସଂକୀର୍ତ୍ତନ



ଦୀର୍ଘ ପାଞ୍ଚଶତ ବର୍ଷ ଧରି ଓଡ଼ିଶାରେ ଏହି ନାମ ସଂକୀର୍ତ୍ତନର ପରମ୍ପରା ଉତ୍କଳର ସାମାଜିକ ଓ ସାଂସ୍କୃତିକ ଜୀବନକୁ ବେଶ୍ ପ୍ରଭାବିତ କଲା। ସ୍ୱାଧୀନୋତ୍ତର କାଳରେ ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ତଥା ଆଧୁନିକତାର ପ୍ରଭାବରେ ଏହା କ୍ରମଶଃ ହ୍ରାସ ହେବାକୁ ଲାଗିଲା। ଏବେ ଅନେକ ଗ୍ରାମରୁ କୀର୍ତ୍ତନ ମଣ୍ଡଳୀ ସମ୍ପୂର୍ଣ୍ଣ ଲୁପ୍ତ ହୋଇ ଗଲାଣି। ଗାଁର କୋଠଘର ଏବେ କ୍ଲବ୍ ଘରରେ ପରିଣତ ହୋଇଛି। କେବଳ ମଠ ମନ୍ଦିରମାନଙ୍କରେ କିଛି ଅଂଶରେ ଏହା ଦୃଷ୍ଟିଗୋଚର ହେଉଛି। ଏତେ ସବୁ ଅସୁବିଧା ସତ୍ତ୍ୱେ ମଧ ନାମ ସଂକୀର୍ତ୍ତନର ଅଖଣ୍ଡ ପ୍ରବାହ ଅବ୍ୟାହତ ରହିଛି। ନାମ ସଂକୀର୍ତ୍ତନ ଦ୍ୱାରା ଗାଁରେ ଆଧାତ୍ମିକ ବାତାବରଣ ସୃଷ୍ଟି ହେଉଥିଲା। ଆଚଣ୍ଡାଳ-ବ୍ରାହ୍ମଣ, ଆବାଳ-ବୃଦ୍ଧବନିତା, ଆମୂର୍ଖ-ପଣ୍ଡିତ ସମସ୍ତେ ନାମ ସଂକୀର୍ତ୍ତନକୁ ସମ୍ମାନ ପ୍ରଦର୍ଶନ କରୁଥିଲେ। ପରସ୍ପର ମଧ୍ୟରେ ଶାନ୍ତି, ମୈତ୍ରୀର ପ୍ରସାର ଘଟୁଥିଲା। ପରସ୍ପର ମଧ୍ୟରେ ସ୍ନେହ, ପ୍ରେମ, ଆତ୍ମୀୟତା ଓ ଆନ୍ତରିକତା ସୃଷ୍ଟି ହେବାର ନାମ ସଂକୀର୍ତ୍ତନ ଥିଲା ଏକ ଉତ୍ତମ ମାଧ୍ୟମ। ଏହାଦ୍ୱାରା ଗାଁ, ଗାଁ ମଧ୍ୟରେ ଭାଇଚାରା ସୃଷ୍ଟି ହେଉଥିଲା। ସାମାଜିକ ସଂହତି ସ୍ଥାପନ କରିବା ପାଇଁ ନାମ ସଂକୀର୍ତ୍ତନ ଏକ ଉପଯୁକ୍ତ ମାର୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାଦ୍ୱାରା କେତେକାଂଶରେ ମଧ ଜାତିଭେଦ ଦୂର ହୋଇଛି। ସେତେବେଳେ କୁହାଯାଉଥିଲା- ବାରଜାତି ତେର ଗୋଲା, ବୈଷ୍ଣବ ହେଲେ ସବୁଗଲା। ଏଥିରେ ବୈଷ୍ଣବ ଧର୍ମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଗୃହସ୍ଥାଶ୍ରମରେ ରହି ଧର୍ମାଚରଣ କରିବା ପାଇଁ ଏହି ଧର୍ମ ଏକ ଉପଯୁକ୍ତ ପଥ। ଚୈତନ୍ୟ ପନ୍ଥୀମାନେ କହୁଥିଲେ "ମାଗୁର ମାଛେର ଝୋଲ୍, ଯୁବତୀ ସ୍ତିରୀର କୋଲ, ବେଟା ହରିଆ- ହରିଆ ବୋଲ୍"। ଏହି ହେତୁ ବୈଷ୍ଣବ ଧର୍ମ ସହିତ ନାମ ସଂକୀର୍ତ୍ତନ ବିଶେଷ ଆଦୃତ ହୋଇଥିଲା। ■



ବର୍ଷଣା ବିହାର, ମନ୍ଦିର ମାର୍ଗ, ସାକ୍ଷୀ ଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

# ଶ୍ରୀକ୍ଷେତ୍ର ଧାମରେ ସଂକୀର୍ତ୍ତନ ଧାରା



**କଳିଯୁଗରେ ଈଶ୍ୱର ଉପାସନାର ଅନ୍ୟତମ ମୁଖ୍ୟ ବିଭବ ହେଉଛି ସଂକୀର୍ତ୍ତନ । ପୁରାଣର ବର୍ଣ୍ଣନାନୁଯାୟୀ ସଂକୀର୍ତ୍ତନ ଦ୍ୱାରା ଧର୍ମାଚରଣ ପ୍ରାପ୍ତ ହୋଇଥାଏ । ଏହି ସଂକୀର୍ତ୍ତନ ଧର୍ମ ମୌଳିକ ଭାବେ ଦ୍ୱିବିଧ । ଯଥା : – ନାମ ସଂକୀର୍ତ୍ତନ ଓ ଲୀଳା ସଂକୀର୍ତ୍ତନ । ନାମ ସଂକୀର୍ତ୍ତନ ଆବହମାନକାଳରୁ ସ୍ୱଚ୍ଛ ଗଙ୍ଗାତୁଲ୍ୟ ଏକଧାରାରେ ପ୍ରବାହିତ । ସଂକୀର୍ତ୍ତନ ଧର୍ମ ସଙ୍ଗୀତଧର୍ମୀ ହୋଇଥିବାରୁ ଏହା ଯେପରି ଲୋକପ୍ରିୟ ସେପରି ସହଜ ସାଧନ ମଧ୍ୟ । ତତ୍ତ୍ୱବିତ୍‌ମାନେ ପ୍ରକାଶ କରିଛନ୍ତି ଯେ, କୀର୍ତ୍ତନ ଏକ ବିଶେଷ୍ୟ ପଦ । ଏଥିରେ ଗୁଣ ଲାଗିଲେ ଗୁଣ କୀର୍ତ୍ତନ ଏବଂ ନାମ ଲାଗିଲେ ନାମ କୀର୍ତ୍ତନ ହେବ । ସେହିପରି ଏହି କୀର୍ତ୍ତନରେ ରୂପ କୀର୍ତ୍ତନ, ଲୀଳା କୀର୍ତ୍ତନ ମଧ୍ୟ ରହିଅଛି । ଅଖଣ୍ଡ ଭଜନ କୀର୍ତ୍ତନ ଦ୍ୱାରା ଭକ୍ତିର ସାଧନ ସମ୍ପନ୍ନ ହୁଏ ।**



ଡକ୍ଟର ଭାସ୍କର ମିଶ୍ର

'କୀର୍ତ୍ତନ' ଶବ୍ଦର ଅର୍ଥ ଭଗବାନଙ୍କର ନାମ, ଗୁଣ, ରୂପ, ଲୀଳା, ଯଶକୁ ପ୍ରକାଶ କରିବା । ତାହା ସମୂହରେ ଉଚ୍ଚ ସ୍ୱରରେ ଗାନ କରାଯାଏ । ବିଶେଷକରି ଶୁଦ୍ଧତାର ସହିତ ସ୍ୱର ଓ ତାଳରେ ଦେବତାଙ୍କର ନାମ ଉଚ୍ଚାରଣକୁ ସଂକୀର୍ତ୍ତନ କୁହାଯାଏ । ସଂକୀର୍ତ୍ତନ ଦ୍ୱାରା ମନୁଷ୍ୟ ଭାବବନ୍ଧନରୁ ମୁକ୍ତ ହୋଇଥାଏ ।



ଫଟୋ: ଅମୀୟ, ପୁରୀ

## ମହାପ୍ରଭୁଙ୍କ ନୀତିରେ ସଂକୀର୍ତ୍ତନ

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦୈନିକ ନୀତିରେ ସକାଳ ଦ୍ୱାର ଫିଟାଠାରୁ ଆରମ୍ଭ କରି ରାତ୍ର ପହୁଡ଼ ନୀତି ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ସମୟରେ ବଡ଼ ଛତା ମଠ, ରାଧାକାନ୍ତ ମଠର ନାମ ସଂକୀର୍ତ୍ତନ ଓ ପାରମ୍ପରିକ ସଙ୍ଗୀତ ଗାନ ପରମ୍ପରା ଏବେ ବି ପ୍ରଚଳିତ ରହିଛି । ଉଲ୍ଲେଖଯୋଗ୍ୟ ଯେ, ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟରୁ ହିଁ ଉତ୍କଳୀୟ ପଞ୍ଚସଖା, ଶ୍ରୀଚୈତନ୍ୟ ଓ ଗୌଡ଼ୀୟ, ବୈଷ୍ଣବାଚାର୍ଯ୍ୟମାନଙ୍କ ପ୍ରଗାଢ଼ ଉଦ୍ୟମରେ ଶ୍ରୀଜଗନ୍ନାଥ ମନ୍ଦିରରେ ବହୁଳ ଭାବେ ସଂକୀର୍ତ୍ତନ ଗାନ ପରମ୍ପରାର ପ୍ରସାର ଲାଭ କରିଥିଲା । ସେହିପରି ଶ୍ରୀକ୍ଷେତ୍ରରେ ସୁପ୍ରତିଷ୍ଠିତ ବିଭିନ୍ନ ବୈଷ୍ଣବ ସମ୍ପ୍ରଦାୟର ମଠାନୁଷ୍ଠାନରେ ପ୍ରତ୍ୟହ ଇଷ୍ଟ ଦେବତାଙ୍କ ସମ୍ମୁଖରେ ଭିନ୍ନ ଭିନ୍ନ ସଂକୀର୍ତ୍ତନ ଗାନ କରାଯିବାର ପ୍ରଥା ପ୍ରଚଳିତ ରହି ଆସିଅଛି । ଏପରିକି ଦୀର୍ଘ ପାଞ୍ଚଶହ ବର୍ଷର ସଂକୀର୍ତ୍ତନ ପରମ୍ପରାର ସ୍ରୋତ ଏବେ ବି ରାଧାକାନ୍ତ ମଠ, ସିଦ୍ଧ ବକୁଳ ମଠ, ହରିଦାସ ଠାକୁର ସମାଧି ମଠ, ପାପୁଡ଼ିଆ ମଠ, ସାନଛତା ମଠ, ରାଧାଶ୍ୟାମ ମଠ, ବଡ଼ଛତା ମଠ, ଜିଜରସ୍ୱାମୀ ମଠ, ଝାଞ୍ଜପିଟା ମଠ ଆଦି ଧାର୍ମିକ ଅନୁଷ୍ଠାନଗୁଡ଼ିକରେ ନିତ୍ୟ ଓ ଉତ୍ସବମାନଙ୍କରେ ସଂକୀର୍ତ୍ତନ ଗାନ କରାଯାଇ ଆସୁଅଛି । ଶ୍ରୀଚୈତନ୍ୟଙ୍କର ଶ୍ରୀକ୍ଷେତ୍ର ଧାମକୁ ଆଗମନ ପରେ ଅର୍ଥାତ୍ ୧୫୧୦ ଖ୍ରୀଷ୍ଟାବ୍ଦ ପରେ ନିମ୍ନୋକ୍ତ ସଂକୀର୍ତ୍ତନ ଗାନ ପରମ୍ପରା ଶ୍ରୀକ୍ଷେତ୍ର ସମଗ୍ର ଉତ୍କଳରେ ପ୍ରଚାର ପ୍ରସାର ହୋଇଥିଲା । ଯଥା-

"ହରେ ରାମ ହରେ ରାମ, ରାମ ରାମ ହରେ ହରେ
ହରେ କୃଷ୍ଣ ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ"

## ଭକ୍ତ ଓ ଭଗବାନଙ୍କ ସଂଯୋଗର ସେତୁ

ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସଂଯୋଗର ସେତୁ ହେଉଛି ସଂକୀର୍ତ୍ତନ । ଭଗବାନଙ୍କର ନାମ ସଂକୀର୍ତ୍ତନ ନ କରି କେହି କେବେ ଭକ୍ତ ହୋଇ ପାରିବ ନାହିଁ । ସଂକୀର୍ତ୍ତନ ହିଁ ଭଗବତ୍‌ପ୍ରାପ୍ତିର ସର୍ବୋତ୍ତମ ସାଧନ ହୋଇଥିବା ହେତୁ ବ୍ୟାସ, ଶୁକ, ନାରଦ, ଶାଣ୍ଡିଲ୍ୟଙ୍କଠାରୁ ଆରମ୍ଭ କରି ନାନକ, କବୀର, ଶ୍ରୀଚୈତନ୍ୟ, ଠାକୁର ହରିଦାସ, ଉତ୍କଳୀୟ ପଞ୍ଚସଖା, ନିତ୍ୟାନନ୍ଦ, ଶ୍ୟାମାନନ୍ଦ, ରାୟ ରାମାନନ୍ଦ,ମାଧବୀ ଦାସୀ, କହ୍ନାଇ ଖୁଣ୍ଟିଆ ପର୍ଯ୍ୟନ୍ତ ଅସଂଖ୍ୟ ଭକ୍ତ ପ୍ରଭୁଙ୍କ ନାମ ସଂକୀର୍ତ୍ତନ ପୂର୍ବକ ନିଜକୁ ତଥା ନିଜର ଅନୁଗାମୀମାନଙ୍କୁ ଭବସାଗରରୁ ଉଦ୍ଧାର କରିଛନ୍ତି । ଦେବର୍ଷି ନାରଦ ନାମ ସଂକୀର୍ତ୍ତନରେ ଅଦ୍ୱିତୀୟ ଅତୁଳନୀୟ ଅଟନ୍ତି । ସେ ସ୍ୱୀୟ ବୀଣାର ମଧୁର ଝଙ୍କାର ସହ ଭଗବାନ ନାରାୟଣଙ୍କର ନାମ ତଥା ଗୁଣ କୀର୍ତ୍ତନ କରି ଦିବ୍ୟ ଆନନ୍ଦପ୍ରାପ୍ତି ହେଉଥିଲେ । ଯଥାର୍ଥରେ ପଦ୍ମ ପୁରାଣରେ ସ୍ୱୟଂ ଭଗବାନ କହିଛନ୍ତି, ଭକ୍ତମାନେ ଯେଉଁଠାରେ ମୋର ଗୁଣଗାନ କରନ୍ତି ମୁଁ ସେହିଠାରେ ନିବାସ କରେ । 'ଶ୍ରୀମଦ୍‌ଭଗବତ'ରେ ବର୍ଣ୍ଣିତ 'ନବଧା' ଭକ୍ତିର ଦ୍ୱିତୀୟ ପାଦ ହେଉଛି କୀର୍ତ୍ତନ । ଯଥା :– "ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ ପାଦସେବନମ୍" । ଭାରତୀୟ ସାଧନ ତତ୍ତ୍ୱମାନଙ୍କ ମଧ୍ୟରୁ ସଂକୀର୍ତ୍ତନ ହିଁ ସର୍ବଶ୍ରେଷ୍ଠ ପନ୍ଥା ଭାବରେ ସମାଦର ଲାଭ କରିଛି । ଅତିବଡ଼ୀ ଶ୍ରୀଜଗନ୍ନାଥ ଦାସ ନାମ ମାହାତ୍ମ୍ୟ ସମ୍ପର୍କରେ 'ଓଡ଼ିଆ ଭାଗବତ'ର ଷଷ୍ଠ ସ୍କନ୍ଧରେ ଅଜାମିଳ ପ୍ରସଙ୍ଗକୁ ନେଇ ଉଲ୍ଲେଖ କରିଛନ୍ତି । ତାଙ୍କ ଦୃଷ୍ଟିରେ ନାମ ସଂକୀର୍ତ୍ତନର ମାହାତ୍ମ୍ୟ ଏତେ ବଳିଷ୍ଠ ଯେ ଜ୍ଞାତସାରରେ ନ ହେଲେ ମଧ୍ୟ ଅଜ୍ଞାନତାର ବଶବର୍ତ୍ତୀ ହୋଇ ଭଗବତ୍ ନାମ ସ୍ମରଣଦ୍ୱାରା ଜୀବ ଯମ ଦଣ୍ଡରୁ ବିମୁକ୍ତ ହୋଇ ବୈକୁଣ୍ଠ ପ୍ରାପ୍ତ ହୁଏ ।

## ଶ୍ରୀକ୍ଷେତ୍ରରେ ସଂକୀର୍ତ୍ତନର ପ୍ରଚାରକ

ଶ୍ରୀକ୍ଷେତ୍ର ଧାମର ଆଧ୍ୟାତ୍ମିକ ପ୍ରାଧାନ୍ୟରେ ବିମୁଗ୍ଧ ହୋଇ ଏହି ପବିତ୍ର ତୀର୍ଥ କ୍ଷେତ୍ରକୁ ଭାରତବର୍ଷର ପ୍ରସିଦ୍ଧ ସନ୍ଥ ଆଚାର୍ଯ୍ୟ ଶଙ୍କର, ରାମାନୁଜ, ମଧ୍ୱାଚାର୍ଯ୍ୟ, ରାମାନନ୍ଦ, ଶ୍ରୀଚୈତନ୍ୟ, ଶଙ୍କରଦେବ, ନାନକ, ଶ୍ରୀଚାନ୍ଦ, କବୀର, ଠାକୁର ହରିଦାସ,ରଘୁଦାସ, ରାୟ ରାମାନନ୍ଦ, ବାୟାବାବା, ପ୍ରମୁଖ ବହୁ ଆଧ୍ୟାତ୍ମ୍ୟବାଦୀ ସନ୍ଥ, ମହାପୁରୁଷ, ଆଚାର୍ଯ୍ୟ ଆଗମନ ପୂର୍ବକ ଶ୍ରୀଜଗନ୍ନାଥ ଚେତନାର ଉପାସନାରେ ନିଜକୁ ସାମିଲ କରି ଯାଇଛନ୍ତି । ବିଶେଷ କରି ଆଚାର୍ଯ୍ୟ ଶଙ୍କର, କବିରାଜ ଜୟଦେବ, ରାମାନନ୍ଦ, ଶ୍ରୀଚୈତନ୍ୟ, ଠାକୁର ହରିଦାସ, ଉତ୍କଳୀୟ ବୈଷ୍ଣବ ପଞ୍ଚସଖା, ରାୟ ରାମାନନ୍ଦ ପ୍ରମୁଖ ସନ୍ଥମାନେ ଶ୍ରୀକ୍ଷେତ୍ରରେ ନାମ ସଂକୀର୍ତ୍ତନ ଧାରା ପ୍ରବର୍ତ୍ତନ ପୂର୍ବକ ଶ୍ରୀମନ୍ଦିରର ଦୈନିକ ନୀତି ଓ ଯାନିଯାତ୍ରାରେ ଏହାର ପ୍ରଚାର କରି ଆସିଛନ୍ତି ।






## ମଠ ପରମ୍ପରାରେ ସଂକୀର୍ତ୍ତନ

ଚିରସ୍ମରଣୀୟ ନାମାଚାର୍ଯ୍ୟ ଠାକୁର ହରିଦାସଙ୍କ ପବିତ୍ର ଭଜନସ୍ଥଳୀ ସିଦ୍ଧବକୁଳ ମଠ ନାମ ସଂକୀର୍ତ୍ତନ ପାଇଁ ଉତ୍କଳ, ପଶ୍ଚିମବଙ୍ଗ, ଆସାମ ଆଦି ରାଜ୍ୟରେ ପ୍ରଖ୍ୟାତ ହୋଇପାରିଛି। ଶ୍ରୀଚୈତନ୍ୟଙ୍କ ସାଧନାସ୍ଥଳ ବର୍ତ୍ତମାନର ରାଧାକାନ୍ତ ମଠ ପକ୍ଷରୁ ପ୍ରତିଦିନ ବାବାଜୀ, ସନ୍ଥ ଓ ବୈଷ୍ଣବ ପ୍ରମୁଖ ତୁଳସୀ ବୃକ୍ଷ, ନିଶାଣ, ମୃଦଙ୍ଗ, ଗିନି, ଝାଞ୍ଜ ଇତ୍ୟାଦି ହସ୍ତରେ ଧରି ଅପରାହ୍ଣରେ ଶ୍ରୀମନ୍ଦିର ବେଢ଼ା ପରିକ୍ରମା ପରିକ୍ରମା ପୂର୍ବକ ସଂକୀର୍ତ୍ତନ କରିଥାନ୍ତି। ଏତଦ୍‌ବ୍ୟତୀତ ରଥଯାତ୍ରା, ଦୋଳ ଯାତ୍ରା, ଚନ୍ଦନ ଯାତ୍ରା ଓ ନବକଳେବରରେ ଦାରୁ ଶୋଭାଯାତ୍ରା ସମୟରେ ଏହି ମଠ ପକ୍ଷରୁ ସଂକୀର୍ତ୍ତନ କରାଯିବାର ପରମ୍ପରା ସମେତ କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ବଡ଼ ଓଡ଼ିଆ ମଠ ଓ ରାଧାକାନ୍ତ ମଠର ସଂକୀର୍ତ୍ତନ ଗାନ ପରମ୍ପକରା ଅଦ୍ୟାପି ପ୍ରଚଳିତ ରହିଛି । ସେହିପରି ମଠ, ଆଶ୍ରମଗୁଡ଼ିକରେ ନିତ୍ୟ ସଂକୀର୍ତ୍ତନ ଗାନ କରାଯିବାର ପ୍ରଥା ରହିଆସିଛି । ଗୌଡ଼ୀୟ, ବୈଷ୍ଣବ ସାଧୁ, ସନ୍ଥ, ଶିଷ୍ୟମାନେ ଏହି ସଂକୀର୍ତ୍ତନ ପରମ୍ପରାକୁ ଉଜ୍ଜୀବିତ କରି ଶ୍ରୀକ୍ଷେତ୍ର ଧାମକୁ ମହାମାନ୍ୱିତ କରି ଆସୁଛନ୍ତି। ବୈଷ୍ଣବ ସମ୍ପ୍ରଦାୟର ମଠଗୁଡ଼ିକରେ କେତେକ ନିର୍ଦ୍ଦିଷ୍ଟ ସଂକୀର୍ତ୍ତନ ଗାନ କରାଯିବାର ପରମ୍ପରା ରହିଛି । ତନ୍ମଧ୍ୟରୁ କେତେକ ସଂକୀର୍ତ୍ତନ ଗାନ ସଂପର୍କରେ ନିମ୍ନରେ ଉଲ୍ଲେଖ କରାଯାଉଛି -

- "ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରେ
  ହେ ନାଥ ନାରାୟଣ ବାସୁଦେବ"
- "ଶ୍ରୀ ରାମ ଜୟ ରାମ ଜୟ ଜୟ ରାମ"
- "ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ
  ହରେ କୃଷ୍ଣ ହରେ ରାମ ଶ୍ରୀରାଧେ ଗୋବିନ୍ଦ"
- "ଜୟ ଗୋବିନ୍ଦ, ଜୟ ଗୋପାଳ, କେଶବ ମାଧବ ଦୀନଦୟାଲ"
- "ଗୋବିନ୍ଦ ଜୟ ଜୟ ଗୋପାଳ ଜୟ ଜୟ।
  ରାଧାରମଣ ହରି ଗୋବିନ୍ଦ ଜୟ ଜୟ॥"
- "ରାଧେ ରାଧେ ଗୋବିନ୍ଦ ବୋଲ ଜୟ"
- "ଗୋବିନ୍ଦ ବୋଲ ହରି ଗୋପାଳ ବୋଲୋ
  ରାଧାରମଣ ହରି ଗୋବିନ୍ଦ ବୋଲୋ"
- "(ଭଜ) ନିତାଇ ଗୌର ରାଧେ ଶ୍ୟାମ
  (ଜପ) ହରେ କୃଷ୍ଣ ହରେ ରାମ"
- "ପୁରୁଷୋତ୍ତମ ପ୍ରଭୁ ତ୍ରିଭୁବନ ଦେବା
  ମହିମା ଜୟ ପ୍ରଭୁ ଜୟ ଜୟ ଦେବା"





## ଶ୍ରୀକ୍ଷେତ୍ରରୁ ସଂକୀର୍ତ୍ତନ ଧାରା ପ୍ରଚାରିତ

ବାସ୍ତବରେ କହିବାକୁ ଗଲେ ସଂକୀର୍ତ୍ତନର କ୍ଷେତ୍ର ହେଉଛି ପବିତ୍ର ଶ୍ରୀପୁରୁଷୋତ୍ତମ ବା ଶ୍ରୀକ୍ଷେତ୍ର ଧାମ। ଏହିଠାରୁ ଓଡ଼ିଶାର ପୁରପଲ୍ଲୀକୁ ସଂକୀର୍ତ୍ତନ ଧାରା ପ୍ରବାହିତ ହୋଇଥିଲା। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ବର୍ଣ୍ଣନା ଅନୁସାରେ ଅତିବଡ଼ୀ ଜଗନ୍ନାଥ ଦାସ ଶ୍ରୀମନ୍ଦିର ଭିତର ବେଢ଼ାସ୍ଥିତ ବଟବୃକ୍ଷ ମୂଳରେ ରାହାସ କୀର୍ତ୍ତନ କରୁଥିଲେ। ସେହିପରି ପ୍ରତାପରୁଦ୍ର ଦେବଙ୍କ ସମୟରୁ ରାୟ ରାମାନନ୍ଦ, ଶ୍ରୀଚୈତନ୍ୟ, ଉତ୍କଳୀୟ ବୈଷ୍ଣବ ପଞ୍ଚସଖା ପ୍ରମୁଖ ବହୁ ଭକ୍ତ ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର, ବ୍ରହ୍ମଗିରି ଅଲାରାନାଥ ପୀଠ, ବେଣ୍ଟପୁର, କୋଣାର୍କ, ଝଙ୍କଡ଼, କେନ୍ଦୁବିଲ୍ୱ, ଏକାମ୍ରକ୍ଷେତ୍ର, ଯାଜପୁର ଇତ୍ୟାଦି ସ୍ଥାନରେ ସଂକୀର୍ତ୍ତନର ବହୁଳ ପ୍ରଚାର କରିଆସୁଥିଲେ। ପୁରୀର ଜଗନ୍ନାଥ ବଲ୍ଲଭ ମଠଠାରେ ରାୟ ରାମାନନ୍ଦଙ୍କ ନେତୃତ୍ୱରେ ଏକ ଇଷ୍ଟ ଗୋଷ୍ଠୀ ଗଠନ ହୋଇ ସଂକୀର୍ତ୍ତନର ପ୍ରଚାର ପ୍ରସାର କରାଯାଉଥିଲା । ବିଶେଷ କରି ଶ୍ରୀମନ୍ଦିର ବିଭିନ୍ନ ଉତ୍ସବରେ ଚଳନ୍ତି ପ୍ରତିମା ବା ବିଜେ ପ୍ରତିମାମାନଙ୍କ ବିମାନ, ପାଲିଙ୍କି ସମ୍ମୁଖସ୍ଥ ଶୋଭାଯାତ୍ରାରେ ସଂକୀର୍ତ୍ତନ ଗାନ ପରମ୍ପରା ଷୋଡ଼ଶ ଶତାବ୍ଦୀରୁ ପ୍ରଚଳିତ ହୋଇଥିବା ଜଣାଯାଏ । ସେହି ସମୟରେ ଏହି ପ୍ରମୁଖ ବୈଷ୍ଣବାଚାର୍ଯ୍ୟମାନଙ୍କ ଦ୍ୱାରା ପ୍ରଚାର କରାଯାଇଥିଲା ଯେ, ସଂକୀର୍ତ୍ତନର ମହାମନ୍ତ୍ର ଉଚ୍ଚାରଣ ଦ୍ୱାରା ବାକ୍‌ଯୁଦ୍ଧ ହୁଏ । ଶବ୍ଦ ମାଧ୍ୟମରେ ମନ୍ତ୍ର ଗାନ ବାୟୁମଣ୍ଡଳରେ ତରଙ୍ଗ ସୃଷ୍ଟି କରେ । ଏପରିକି ନାମ ସଂକୀର୍ତ୍ତନ ଦ୍ୱାରା ସ୍ଥାନ ଶୁଦ୍ଧି ହୁଏ । ସଂକୀର୍ତ୍ତନ ଉତ୍କଳୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଅତୀତରେ ଶ୍ରୀକ୍ଷେତ୍ର ଧାମରେ ପ୍ରବର୍ତ୍ତିତ ଭିନ୍ନ ଭିନ୍ନ ନାମ ସଂକୀର୍ତ୍ତନରେ ପ୍ରଭାବିତ ହୋଇ ଭାରତବର୍ଷର ବିଭିନ୍ନ ସ୍ଥାନରୁ ଏହି ଧାମ ପ୍ରତି ଆକର୍ଷିତ ହୋଇ ଆଚାର୍ଯ୍ୟମାନଙ୍କ ଦ୍ୱାରା ପ୍ରତିଷ୍ଠିତ ମଠାଶ୍ରମ, ଶ୍ରୀମନ୍ଦିର ତଥା ପବିତ୍ର ମହୋଦଧିକୁ ଦର୍ଶନ କରି ଅପାର ସନ୍ତୋଷ ଲାଭ କରୁଥିଲେ। ଶ୍ରୀମନ୍ଦିର ଉପାସନା ପରମ୍ପରାରେ ସଂକୀର୍ତ୍ତନ ଏକ ସେବା ରୂପେ ମର୍ଯ୍ୟାଦା ଲାଭ କରିଥିଲା। ଏଥିପାଇଁ ତତ୍କାଳୀନ ଗଜପତି ମହାରାଜମାନେ ଭୂସମ୍ପତ୍ତି, ଅର୍ଥ ଖଞ୍ଜା କରିଥିବାର ପ୍ରମାଣ ମିଳେ। ଏପରିକି ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ର ଆଗମନ ପୂର୍ବରୁ ଭକ୍ତ କବିରାଜ ଜୟଦେବ ଓ ରାୟ ରାମାନନ୍ଦ ପ୍ରମୁଖ ସଂକୀର୍ତ୍ତନର ଭିତ୍ତିଭୂମି ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠା କରି ସାରିଥିଲେ । ■

ବରିଷ୍ଠ ଗବେଷକ, ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀଜଗନ୍ନାଥ ଧାମ, ପୁରୀ
ମୋ: ୯୪୩୭୨୮୧୧୦୨



# ସଂକୀର୍ତ୍ତନରେ ଭକ୍ତିଭାବ

**ଭକ୍ତ ଓ ଭଗବାନଙ୍କ ସଂପର୍କ ଅପୂର୍ବ । ଭଗବାନଙ୍କ ନାମ ଜପରେ ଭକ୍ତ ପାଆନ୍ତି ଅପାର ଆନନ୍ଦ ଓ ଶାନ୍ତି । ଭାରତୀୟ ସଂସ୍କୃତିରେ ନାମ ସଂକୀର୍ତ୍ତନ ପରମ୍ପରା ବହୁ ପ୍ରାଚୀନ । ସଂକୀର୍ତ୍ତନ ହେଉଛି ଏକ ଭକ୍ତିରସାଶ୍ରିତ କଳା । ଓଡ଼ିଶାର ସହର ହେଉ କି ପୁରପଲ୍ଲୀ ଏବେ ବି ବିଭିନ୍ନ ସମୟରେ ସଂକୀର୍ତ୍ତନରେ ମୁଖରିତ ହୋଇଉଠେ ପରିବେଶ ।**



ଡକ୍ଟର ତ୍ରିନାଥ ପଟ୍ଟନାୟକ

## ସଂକୀର୍ତ୍ତନ ଓ ସଂକୀର୍ତ୍ତନ ମଣ୍ଡଳୀ

ହରିନାମ ଗାନ କରିବା ହରି ଚରିତ ସ୍ମରଣ କରିବା ହେଉଛି ସଂକୀର୍ତ୍ତନ । ସଂକୀର୍ତ୍ତନ ସାଧାରଣତଃ ଶ୍ରୀକୃଷ୍ଣ ଓ ଶ୍ରୀଚୈତନ୍ୟଙ୍କ ସମ୍ବନ୍ଧୀୟ ଗୁଣଗାନ, ସ୍ତୁତି ଓ ଚରିତକୁ ବିଭିନ୍ନ ରାଗ ରାଗିଣୀରେ ଗାନ କରିବା ସହ ବାଦ୍ୟ ରୂପେ ଖୋଳ, ତାଳକୁ ସଂଯୋଗ କରାଯାଇଥାଏ । ଯେଉଁମାନେ ଗାନ କରନ୍ତି, ଖୋଳ, ତାଳ ବଜାନ୍ତି ତାହାକୁ ସଂକୀର୍ତ୍ତନିଆ କୁହାଯାଏ । ମେଳଣ ଆଦି କିମ୍ବା ଗୃହସ୍ଥର ମଙ୍ଗଳ ନିମନ୍ତେ ବହୁ ଦଳ ଉପସ୍ଥିତ ହୁଅନ୍ତି । ସେହି ଦଳକୁ ‘ସଂକୀର୍ତ୍ତନ ମଣ୍ଡଳ’ ବୋଲି କୁହାଯାଏ । ସଂକୀର୍ତ୍ତନ ଓଡ଼ିଶାର ଗ୍ରାମେ ଗ୍ରାମେ ଥିଲା । ଏବେ ମଧ୍ୟ ସ୍ଥାନେ ସ୍ଥାନେ ଅଛି । ଗ୍ରାମର ଏକ ଆଖଡ଼ାଘର କରି ସଂକୀର୍ତ୍ତନ ଗୁରୁ ଗୀତ ଓ ବାଦ୍ୟକୁ ଶିଖାଇଥାନ୍ତି । ସଂକୀର୍ତ୍ତନ ମଣ୍ଡଳର ଏକ ନିୟମ ଅଛି :-

ଦକ୍ଷିଣେ ତାଳଧାରୀଚ ବାମପାର୍ଶ୍ୱେ ତୁ ବାୟକଃ
ତୟୋର୍ମଧ୍ୟେ ଗୀତିକାରଃ ଶ୍ରୁତିକାର ସ୍ତଦନ୍ତରେ ।
ଏବଂ ସ୍ଥିତିଃ କ୍ରମେଣୈବ ପ୍ରସିଧ୍ୟେୟ ଚାତ୍ରକୀର୍ତ୍ତନେ ।
ମୃଦଙ୍ଗସ୍ୟ ଦ୍ୱୟଂ ଚୈବ ଝାଜିନା ଚ ଚତୁର୍ଦ୍ଧଶ
ଏତାନି ମଣ୍ଡଳୀକୃତ୍ୟ ସଂକୀର୍ତ୍ତୟେତ୍ତୁ ଶୋଭନଃ ।





ସଂକୀର୍ତ୍ତନରେ ବ୍ୟବହୃତ ମୃଦଙ୍ଗକୁ ଖୋଳ ଓ ଝାଞ୍ଜକୁ କରତାଳ ବୋଲି କୁହାଯାଏ । ସଂକୀର୍ତ୍ତନ ଶେଷ ହେଲେ ଦେବତା ଭଳି ଖୋଳ ତାଳକୁ ଭୋଗ ଓ ନୂତନ ବସ୍ତ୍ର ଅର୍ପଣ କରାଯାଇ ପୂଜା କରାଯାଇଥାଏ । ଏହାକୁ ଖୋଳ ପୂଜା ପର୍ବ ବୋଲି ଓଡ଼ିଶାରେ କୁହାଯାଇଥାଏ । ସଂକୀର୍ତ୍ତନ ବେଳେ ମୃଦଙ୍ଗରେ ତିନି ପ୍ରକାର ପ୍ରହାର କରାଯାଏ । ସେଗୁଡ଼ିକର ନାମ ହେଉଛି ୧- ନିଗୃହିତା ୨- ଅର୍ଦ୍ଧ-ନିଗୃହିତା, ୩- ମୁକ୍ତାକ୍ଷ । ହାତପୁଡ଼ାରେ ଯୋଗକରି ପ୍ରହାର କଲେ ନିଗୃହିତ, ଏକ ହସ୍ତରେ ପ୍ରହାର କଲେ ଅର୍ଦ୍ଧନିଗୃହ ଓ ଉଭୟ ହସ୍ତ ତ୍ୟାଗ କରି ସମୟ ସମୟରେ ଦକ୍ଷିଣ ଓ ବାମ ହସ୍ତରେ ଆଗପଛ କରି ପ୍ରହାର କଲେ ମୁକ୍ତାକ୍ଷ ବୋଲାଯାଏ ।

କରତାଳ ସଂକୀର୍ତ୍ତନରେ ବ୍ୟବହାର କରାଯାଏ । କରତାଳର ନିର୍ମାଣ ପ୍ରଣାଳୀ ହେଉଛି – ତେର ଅଙ୍ଗୁଳି ପରିମାଣରେ ଶୁଦ୍ଧ କଂସାରେ ଦୁଇଫାଳ ନିର୍ମାଣ କରାଯାଏ । ମଝିରେ ମୁଖସ୍ତନ ସଦୃଶ ଓ ଡୋର ଲାଗିଥାଏ । ଅଥବା ପଦ୍ମ ପତ୍ର ପରି ଆକୃତି ହୋଇ ଡୋର ଲାଗିଥାଏ । ଏହି ଦୁଇଫାଳକୁ କରତାଳ ବୋଲି କୁହନ୍ତି । ଏହି କରତାଳ ସଂଯୋଗରେ ଝିମିଟକ ଶବ୍ଦ ହୁଏ । ଆଉ ମଧ୍ୟ କେହି କେହି କରତାଳ ନିର୍ମାଣ ତେର ଅଙ୍ଗୁଳି ପରିମାଣରେ ଏକଯବ, ଚାରିପାଖ ଓ ଅଗ୍ରଭାଗ ପଞ୍ଚଯବ, ମଧ୍ୟଭାଗ ସାତଯବ, ତଳପାଖ ତିନିଯବ, ଓ ପୃଷ୍ଠ ଦେଶ ମଧ୍ୟରେ ଶିବଲିଙ୍ଗ ଆକୃତି ଗୋଟିଏ ଠୁଳ ହୋଇ ଡୋର ଲାଗିଥାଏ ।

କରତାଳ ମଧ୍ୟରେ ଗୁଞ୍ଜି ଅର୍ଥାତ୍ କାଇଁଚ ପରି ଛିଦ୍ରଥାଏ । ପାଟସୂତାରେ ବନ୍ଧା ହୋଇଥାଏ । କରତାଳ ବିଶୁଦ୍ଧ କଂସାଧାତୁରେ ନିର୍ମାଣ ହୁଏ । ଅତିଶୟ ଚିକ୍କଣ ରହେ । ‘କ’ ଅର୍ଥାତ୍ ବ୍ରହ୍ମା ସ୍ୱର



ନିର୍ମାଣ କରିଛନ୍ତି ବୋଲି କୁହାଯାଏ। ପଣ୍ଡିତମାନେ ଏହାକୁ କରତାଳ ବା ଝାଞ୍ଜି ବୋଲି କହିଥାନ୍ତି।

ଦକ୍ଷିଣ ହାତରେ ଥିବା ତାଳଟି ସୁନାଦ ହୁଏ, ବାମ ହାତରେ ଥିବା ତାଳଟି ହୀନ ଶବ୍ଦ ହୁଏ। ଏହାର କାରଣ ହେଉଛି ତର୍ଜନୀ ଆଙ୍ଗୁଠିର ଯୋଗରେ ଦକ୍ଷିଣ ପାଖ କରତାଳ ରୁହେ। ବାମହସ୍ତ କରତାଳଟି ସମାନ ଭାବେ ରହିବାରୁ ମଧ୍ୟମ ଷଡ଼ଜ ସ୍ୱର ଜାତ ହୁଏ। ଦକ୍ଷିଣ ପାଖ ତାଳ ଦ୍ୱାରା ଆଘାତ କଲେ ପ୍ଲୁତ ଦୀର୍ଘରେ କିମ୍ବା ଲୁଘୁଦ୍ରୁତ ଆଦ୍ୟରେ ବାଦନ ହୁଏ। ଏଣୁ ଦକ୍ଷିଣ ପାଖ ତାଳରେ ଉତ୍ତମ ଶବ୍ଦ ଅର୍ଥାତ୍ ବେଶୀ କମ୍ ହୁଏ। କିନ୍ତୁ ବାମ ପାଖର ଶବ୍ଦ ସବୁ ସମୟରେ ସମାନ ଥାଏ।



ଗାନ କରୁଥିଲେ। ସର୍ବଦା କୃଷ୍ଣ ରାଧା କୃଷ୍ଣ ଚରିତ ଶୁଣୁଥିଲେ ଜୟଦେବ ଭଣିତ 'ଗୀତଗୋବିନ୍ଦ'କୁ ସେ ପାଠ କରି ତନ୍ମୟ ହୋଇ ଯାଉଥିଲେ। ପରବର୍ତ୍ତୀ ସମୟରେ ଶ୍ରୀଚୈତନ୍ୟଙ୍କ ଭକ୍ତମାନେ ତଥା ବାବାଜୀ ରାଧାରମଣ ଚରଣ ଦାସ ଏକ ନୂତନ ନାମ ସଂକୀର୍ତ୍ତନ କଲେ ।

## ସଂକୀର୍ତ୍ତନର ମାହାତ୍ମ୍ୟ

ତାଳ ବିନା ସଂକୀର୍ତ୍ତନ ଗୀତ ଗତି ଭଲ ହୁଏ ନାହିଁ, ନୃତ୍ୟ ଶୋଭାପାଏ ନାହିଁ। ଯେପରି ନାବିକ ବିନା ନୌକା ଉତ୍ତମ ରୂପେ ଯାଇପାରେ ନାହିଁ। ଭଗବାନ ଓ ଦେବତାମାନଙ୍କର ଗୁଣଗାନପୂର୍ବକ ନାମ ସଂକୀର୍ତ୍ତନର ମାହାତ୍ମ୍ୟ ବିଭିନ୍ନ ପୁରାଣରେ ବର୍ଣ୍ଣନା କରାଯାଇଛି। ଯଥା – ଭାଗବତ, ନାରଦ ପଞ୍ଚରସ, ବୃହତ୍ ନାରଦୀୟ ପୁରାଣ ଇତ୍ୟାଦିରେ। ମାତ୍ର ଶ୍ରୀଚୈତନ୍ୟଙ୍କ ସମୟରୁ ସଂକୀର୍ତ୍ତନ ଅତ୍ୟନ୍ତ ଲୋକପ୍ରିୟ ହୋଇ ପାରିଛି। ଖୋଳତାଳ ସହିତ ବହୁଲୋକଙ୍କ ସମ୍ମିଳିତ ଗାନ ଲୋକମାନଙ୍କୁ ମୁଗ୍ଧ କରିଛି।

ବୈଷ୍ଣବମାନଙ୍କର ବିଶେଷ ଆଗ୍ରହ ହେଉଛି ଶ୍ରୀରାଧା କୃଷ୍ଣ ସମ୍ବନ୍ଧୀୟ ଗାନ ବା ସଂକୀର୍ତ୍ତନ କିମ୍ବା ଗୋରା ଚାନ୍ଦ ଶ୍ରୀଚୈତନ୍ୟଙ୍କର ଜୀବନୀକୁ ନେଇ ଲିଖିତ ଗୀତ ଶ୍ରବଣ କରିବା ପାଇଁ । ପ୍ରଥମେ ଶ୍ରୀଚୈତନ୍ୟ ଦେବ ପ୍ରଚାର କଲେ – କଳିଯୁଗର ହରିନାମ ସଂକୀର୍ତ୍ତନ ହିଁ ମୁକ୍ତିଲାଭ ପାଇଁ ମନୁଷ୍ୟର ଏକମାତ୍ର ଅବଲମ୍ବନ ବା ମାର୍ଗ।

**ହରେର୍ନାମ ହରେର୍ନାମ ହରେ ନାର୍ମମୈବ କେବଳଂ**
**କଳୌ ନାସ୍ତେବ୍ୟ ନାସ୍ତେବ୍ୟ ନାସ୍ତେବ୍ୟ ଗତିଭନ୍ୟାଥ ।**

ଯେଉଁଠାରେ ନାମ ସଂକୀର୍ତ୍ତନ ହୁଏ, ସେହି ସ୍ଥାନ ଅତ୍ୟନ୍ତ ପବିତ୍ର ଅଟେ। ସେହି ହିଁ ତୀର୍ଥ ସ୍ଥାନ। ଆଉ ମଧ୍ୟ ଯେଉଁ ସ୍ଥାନରେ ସଂକୀର୍ତ୍ତନକାରୀଙ୍କ ପାଦପଡ଼େ, ସେହି ସ୍ଥାନ ପବିତ୍ର, ଯେଉଁ ଅଞ୍ଚଳରେ ନାମ ସଂକୀର୍ତ୍ତନ ହୁଏ, ସେହି ପବିତ୍ର ଧ୍ୱନିରେ ପାପତାପ ଓ ରୋଗ ଜୀବାଣୁମାନେ ଅଞ୍ଚଳ ଛାଡ଼ିଯାଆନ୍ତି। ଆଉ ମଧ୍ୟ ପୁରାଣ କୁହ, ସଂକୀର୍ତ୍ତନ ଦ୍ୱାରା ଶ୍ରୋତା ଗାୟକ, ବାୟକ, ମୃଦଙ୍ଗ ବାଦ୍ୟକାରୀ ଓ ତାଳ ସଂଯୋଗକାରୀଙ୍କର ସାତପୁରୁଷ ଉଦ୍ଧାର ପାଇଥାନ୍ତି। ଆମର ଧର୍ମ ଶାସ୍ତ୍ରରେ ଉଲ୍ଲେଖ ଅଛି ସତ୍ୟ ଯୁଗରେ ତୀର୍ଥ, ତ୍ରେତାରେ ଯଜ୍ଞ, ଦ୍ୱାପରରେ ଦାନ ଓ କଳିଯୁଗରେ ନାମ ସଂକୀର୍ତ୍ତନ ହିଁ ଯୁଗଧର୍ମ । ବ୍ୟକ୍ତି ଦାନ, ବ୍ରତ, ତପସ୍ୟା, ଯଜ୍ଞ ଏ ସମସ୍ତ କରିପାରେ, ମାତ୍ର ସେ ସବୁ ଅପେକ୍ଷା ଅଧିକ ଫଳପ୍ରଦ ହେଉଛି ନାମ ସଂକୀର୍ତ୍ତନ । ସଂକୀର୍ତ୍ତନ ବିରହିତ ଦାନାଦି କାର୍ଯ୍ୟ ନିଷ୍ଫଳ ଅଟେ । ଶ୍ରୀଚୈତନ୍ୟ ପ୍ରଧାନତଃ ଦୁଇ ଚାରୋଟି ପଦକୁ ଘୋଷି ଖୋଳ ତାଳ ସାହାଯ୍ୟରେ ବହୁ ପାର୍ଷଦଙ୍କ ମିଳିତ ମଣ୍ଡଳୀରେ ସଂକୀର୍ତ୍ତନ କରୁଥିଲେ।

**"ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ**
**ହରେ ରାମ ହରେ ରାମ ରାମ ରାମ ହରେ ହରେ ।"**

ଆଉ ଏକ ନାମ –
**"କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ ହେ ।"**

ଆଉ ମଧ୍ୟ –
**"କୃଷ୍ଣ କେଶବ କୃଷ୍ଣ କେଶବ କୃଷ୍ଣ କେଶବ ତ୍ରାହି ମାଂ**
**କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ ରକ୍ଷ ମାଂ ।"**


ଶ୍ରୀଚୈତନ୍ୟଙ୍କ ସମୟରୁ ଅଷ୍ଟପ୍ରହର ଓ ଚବିଶ ପ୍ରହର ନାମ ସଂର୍ତ୍ତୀନର ପ୍ରବର୍ତ୍ତନ ହେଲା। ସେ ଭାଗବତ ବର୍ଣ୍ଣିତ ଶ୍ରୀକୃଷ୍ଣ ଓ ରାଧାଙ୍କର ଭିନ୍ନ ଭିନ୍ନ ଲୀଳା ଓ ଚରିତକୁ

**"(ଭଜ) ନିତାଇ ଗଉର ରାଧେ ଶ୍ୟାମ**
**(ଭଜ) ହରେ କୃଷ୍ଣ ହରେ ରାମ ॥"**

ଏହା ହିଁ ବର୍ତ୍ତମାନ ବୈଷ୍ଣବ ସଂପ୍ରଦାୟର ପ୍ରଧାନ ନାମପଦ। ବୈଷ୍ଣବମାନଙ୍କ ସଂକୀର୍ତ୍ତନରେ ଶ୍ରୀଚୈତନ୍ୟଙ୍କର ଜୀବନ ଚରିତକୁ ପାଥେୟ କରି ଗୀତ ଗାନ କରିଥାନ୍ତି। ଶ୍ରୀଚୈତନ୍ୟ ପୁରୀରେ ଜୀବନର ଅର୍ଦ୍ଧାଧିକ କାଳ ଅତିବାହିତ କରିଥିଲେ। ସେ ବୈଷ୍ଣବ ଧର୍ମର ବିଶିଷ୍ଟ ପ୍ରଚାରକ ଥିଲେ। ବଙ୍ଗୀୟ ବା ନଦୀୟା ବୈଷ୍ଣବମାନେ ଶ୍ରୀଚୈତନ୍ୟଙ୍କ ଅନୁଗତ ହୋଇ ବଙ୍ଗ ଭାଷାରେ ଗ୍ରାମେ ଗ୍ରାମେ ସୁଲଳିତ ସ୍ୱରରେ ଖୋଳ ତାଳ ସାହାଯ୍ୟରେ ସଂକୀର୍ତ୍ତନ ପ୍ରଚାର କରେ। ଓଡ଼ିଶାର ଅର୍ଦ୍ଧଶିକ୍ଷିତ ଓଡ଼ିଆମାନେ ସେହି ବଙ୍ଗ ଭାଷାର ସଂକୀର୍ତ୍ତନକୁ ବିକୃତ ରୂପେ ଗାନ କରୁଛନ୍ତି, ତଥାପି ତାହା ଶ୍ରବଣଯୋଗ୍ୟ। ଉତ୍କଳୀୟ ତଥା ଓଡ଼ଶୀ ବୈଷ୍ଣବମାନେ ଓଡ଼ିଆ ଭାଷାରେ ଶ୍ରୀକୃଷ୍ଣ ଓ ଚେତନ୍ୟଙ୍କ ସମ୍ବନ୍ଧୀୟ ଗୀତରଚନା କରି ସଂକୀର୍ତ୍ତନ କରୁଛନ୍ତି। ଖୋଳତାଳ ମୃଦଙ୍ଗ ମଧ୍ୟ ବଙ୍ଗୀୟମାନଙ୍କଠାରୁ ଭିନ୍ନ। ଶ୍ରୀଚୈତନ୍ୟ ପୁରୀରେ ରଥଯାତ୍ରା ବେଳେ ରଥ ଆଗେ ୨ ମାସ ସଂକୀର୍ତ୍ତନ କରି ଆସୁଥିଲେ। ଭାବଭକ୍ତିରେ ବଡ଼ଦାଣ୍ଡରେ ପଡ଼ିଯାଉଥିଲେ। ଏବେ ବି ବୈଷ୍ଣବମାନେ ରଥ ସମ୍ମୁଖରେ ସଂକୀର୍ତ୍ତନ ଗାନ କରୁଛନ୍ତି। ଗୁଣ୍ଡିଚା ମନ୍ଦିରକୁ ଉଭୟ ଗୋଷ୍ଠୀର ବୈଷ୍ଣବମାନେ ସମାର୍ଜନା କରୁଛନ୍ତି । ■

ସଂପାଦକ, ପୁରାଣ ପତ୍ରିକା,
ନିଆଳି, ଜି: କଟକ, ୭୫୪୦୦୪
ମୋ: ୯୯୩୭୮୪୦୩୮୭





# ପଶ୍ଚିମ ଓଡ଼ିଶାରେ ସଂକୀର୍ତ୍ତନ ପରମ୍ପରା

ଏ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କର ସୃଷ୍ଟି ଅଟେ । ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ । ସେ ନିଜ ଭିତରେ ଈଶ୍ୱର ଅନୁଭବ କରି ଶେଷରେ ତାଙ୍କ ଭିତରେ ଲୀନ ହୋଇଯିବାର ଇଚ୍ଛା ରଖେ । ଏଥିପାଇଁ ସେ ନାନା ଉପାୟ ଅବଲମ୍ବନ କରେ । ସେଥିମଧ୍ୟରୁ ଭକ୍ତି ମାର୍ଗ ହେଉଛି ତା' ପାଇଁ ଶ୍ରେଷ୍ଠ ମାର୍ଗ । ଶ୍ରୀନାରଦ ଭକ୍ତି ସୂତ୍ର ଅନୁସାରେ ଭଜନ, କୀର୍ତ୍ତନ ମାଧ୍ୟମରେ ହୃଦୟରେ ଭକ୍ତି ଜାଗ୍ରତ ହୁଏ । ନିରନ୍ତର ଭଜନ କଲେ ଚିତ୍ତର ବିଷୟାବେଶ ଓ ବିଷୟସଙ୍ଗ ତ୍ୟାଗ ହୋଇଯାଏ । ଭକ୍ତିର ପରଭାବ ପ୍ରକଟନ ସମ୍ବନ୍ଧରେ କୌଣସି ବିଧିର ଅପେକ୍ଷା ନାହିଁ । ଭକ୍ତି ସାଧାରଣତଃ ନଅ ପ୍ରକାର । ଯଥା- ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦସେବା, ଅର୍ଚ୍ଚନା, ବନ୍ଦନା, ଦାସ୍ୟଭାବ, ସଖାଭାବ ଓ ଆତ୍ମନିବେଦନ । ବ୍ୟକ୍ତି ବିଶେଷଙ୍କ ଏକ ଦଳ ମିଳିତ ଭାବରେ ଭଗବାନଙ୍କୁ ସ୍ମରଣ, ବନ୍ଦନ, ଆତ୍ମ ନିବେଦନ କରିବାର ବିଧିକୁ କୀର୍ତ୍ତନ କୁହାଯାଏ । କାୟ-ମନ-ବାକ୍ୟରେ ତାଳି, ଖୋଳ, କରତାଳ ବଜାଇ ଏକାଠି ବସି, ନୃତ୍ୟ କରି ଅଥବା ପଦବ୍ରଜ କରି ଈଶ୍ୱରଙ୍କ ଅହରହ ସ୍ମରଣ ହେଉଛି ସଂକୀର୍ତ୍ତନ ।



ଡକ୍ଟର ସତ୍ୟନାରାୟଣ ଠାକୁର

ସତ୍ୟ ଯୁଗରେ ତପ, ଧ୍ୟାନ, ତ୍ରେତୟାରେ ହୋମ, ଦ୍ୱାପରେ ହରି ପୂଜନ ଓ କଳି ଯୁଗରେ ସଂକୀର୍ତ୍ତନ ମାଧ୍ୟମରେ ଭଗବାନଙ୍କୁ ଅନୁଭବ କରାଯାଇପାରେ, ତେଣୁ ଅନାଦି କାଳରୁ ଦେବତାଠାରୁ ଆରମ୍ଭ କରି ସାଧାରଣ ମାନବ ପର୍ଯ୍ୟନ୍ତ କୀର୍ତ୍ତନ କରୁଥିବାର ପରମ୍ପରା ପ୍ରଚଳିତ ହୋଇଆସିଛି । ମଧ୍ୟ ଯୁଗରେ ଏହି ପରମ୍ପରା ଶ୍ରୀଚୈତନ୍ୟଙ୍କ ଦ୍ୱାରା ବ୍ୟାପକ ଜନାଦୃତ ହୋଇଥିଲା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଭେଦଭାବ ଭୁଲି ଈଶ୍ୱର ଉପଲବ୍ଧି ପାଇଁ ସଂକୀର୍ତ୍ତନ କରିବାକୁ ଶ୍ରୀଚୈତନ୍ୟ ଉଚିତ ମନେ କରିଥିଲେ । ନଦୀୟାଠାରୁ ଆରମ୍ଭ କରି ସମଗ୍ର ବଙ୍ଗ, ଓଡ଼ିଶା, ବିହାର, ଆସାମ ଆଦି ଅଞ୍ଚଳରେ ଏହି ସଂକୀର୍ତ୍ତନ ବ୍ୟାପୀ ଥିଲା । ସେ ସଂକୀର୍ତ୍ତନ ମାଧ୍ୟମରେ ଓଡ଼ିଶାବାସୀଙ୍କ ମଧ୍ୟରେ ଭକ୍ତିଭାବ ସୃଷ୍ଟି କରି ସାମ୍ୟ-ମୈତ୍ରୀ- ଐକ୍ୟର ବାର୍ତ୍ତା ପ୍ରଦାନ କରିବାକୁ ଚାହୁଁଥିଲେ ।

## ପଶ୍ଚିମ ଓଡ଼ିଶାର ସଂକୀର୍ତ୍ତନ ଧାରା ଆରମ୍ଭ

ପଶ୍ଚିମ ଓଡ଼ିଶାର ବାବାଜୀ ପ୍ରାଣବନ୍ଧୁ ଦାସ ସଂକୀର୍ତ୍ତନ ପରମ୍ପରା ଅରମ୍ଭ କରିଥିଲେ । ବାଲ୍ୟୁତ ସମୟରୁ ସେ ବ୍ରହ୍ମଚାରୀ ହୋଇଥିଲେ । ତାଙ୍କର କାଳିଆ ବାବାଙ୍କ ସହିତ ସାକ୍ଷାତ୍ ହେଲା ପରେ ଉଭୟେ ବହୁ ସ୍ଥାନ ଭ୍ରମଣ କରି ଶେଷରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବ୍ରହ୍ମଣୀ ତୁରୁମ ଗ୍ରାମରେ ପହଞ୍ଚି ଧାର୍ମିକ ପୁଣ୍ୟବନ୍ତ ଶ୍ରୀଗଣେଶ ଦାସଙ୍କ ସଂସ୍ପର୍ଶରେ ଆସି ମହାନଦୀ କୂଳରେ ଥିବା ଏହି ସ୍ଥାନରେ କିଛି ସମୟ ରହି ସଂକୀର୍ତ୍ତନ ପରିବେଷଣ କରିଥିଲେ । ପ୍ରଖ୍ୟାତ ଗୁରୁ ଡକ୍ଟର ଘାସିରାମ ମିଶ୍ରଙ୍କ ମତରେ ପ୍ରାଣବନ୍ଧୁ ବାବା ପଶ୍ଚିମ ଓଡ଼ିଶାରେ ବୈଷ୍ଣବ ଚେତନାର ପ୍ରଚାର ପ୍ରସାର ଦାୟିତ୍ୱରେ ଥିଲେ । ସେ ପଶ୍ଚିମ ଓଡ଼ିଶାର ପ୍ରଥମ ସଂକୀର୍ତ୍ତନ ଦଳ ଗଠନ କରିଥିଲେ । ଧୀରେ ଧୀରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସଂକୀର୍ତ୍ତନ ଦଳଗୁଡ଼ିକ ଗଢ଼ି ଉଠିଥିଲା ।

ପଶ୍ଚିମ ଓଡ଼ିଶାରେ ସାଧାରଣତଃ ଉଦଣ୍ଡ ଓ ରଙ୍ଗିନ, ଏପରି ଦୁଇ ପ୍ରକାର ସଂକୀର୍ତ୍ତନ ଦଳ ଦୃଷ୍ଟିଗୋଚର ହୁଅନ୍ତି । ଉଦଣ୍ଡ ଦଳର ମୃଦଙ୍ଗ ଛୋଟ ହୋଇଥିବା ବେଳେ ରଙ୍ଗିନ ସଂକୀର୍ତ୍ତନର ମୃଦଙ୍ଗ ଅପେକ୍ଷାକୃତ ବଡ଼ ହୋଇଥାଏ । ଉଦଣ୍ଡ ଦଳରେ ଏକ, ଦୁଇ କିମ୍ବା ଅଧିକ ମୃଦଙ୍ଗ ବ୍ୟବହାର କରାଯାଉଥିବା ବେଳେ ରଙ୍ଗିନ ସଂକୀର୍ତ୍ତନ ଦଳରେ ଏକ ବା ଦୁଇଟି ମୃଦଙ୍ଗ ବ୍ୟବହାର କରାଯାଏ । ଉଦଣ୍ଡ ଦଳର ସଂକୀର୍ତ୍ତନ ପ୍ରାୟତଃ ଭକ୍ତି ରସାତ୍ମକ ଗୀତଗୁଡ଼ିକର ସ୍ୱର ଅଧାରରେ ହୋଇଥିଲା ବେଳେ ରଙ୍ଗିନ ଦଳର ଗୀତଗୁଡ଼ିକ ଭକ୍ତିରସ ସହିତ ଆଧୁନିକ, ପାରମ୍ପରିକ, ଓଡ଼ିଶୀ, ଛାନ୍ଦ, ଚମ୍ପୂ, ଚଳଚ୍ଚିତ୍ର ଗୀତ ଶୈଳୀର ହୋଇଥାଏ । ବିଭିନ୍ନ ଶ୍ଳୋକ, ରୂଢ଼ି, ଢଗଢମାଳିର ପ୍ରୟୋଗ ରଙ୍ଗିନ ସଂକୀର୍ତ୍ତନ ଦଳର ବାହକମାନେ ଉଚ୍ଚାରଣ ସାଙ୍ଗକୁ ସେଗୁଡ଼ିକୁ ବାଦ୍ୟ ମାଧ୍ୟମରେ ପରିପ୍ରକାଶ କରି ଦର୍ଶକଙ୍କ ଭିତରେ ଉତ୍ସୁକତା ଜାଗ୍ରତ କରେ ।









## ସଂକୀର୍ତ୍ତନ ପରିବେଷଣର ସମୟ

ପଶ୍ଚିମ ଓଡ଼ିଶାରେ ବିଭିନ୍ନ ପର୍ବପର୍ବାଣି, ଯାନିଯାତ୍ରା, ମାନସିକ ପୂରଣ, ମନ୍ଦିର ପ୍ରତିଷ୍ଠା, ଏକୋଇଶିଆ, ଶ୍ରାଦ୍ଧ, ଶବାଧାର ଆଦିରେ ସଂକୀର୍ତ୍ତନ ପରିବେଷଣ କରାଯିବାର ପରମ୍ପରା ପ୍ରଚଳିତ । କାର୍ତ୍ତିକ ଭଳି ପବିତ୍ର ମାସରେ ମଧ୍ୟ ସଂକୀର୍ତ୍ତନ ଆୟୋଜନ କରାଯାଏ । ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଅନେକ ସଂକୀର୍ତ୍ତନ ଦଳ ଗଢ଼ି ଉଠିଛି । ପୂର୍ବରୁ କେବଳ ପୁରୁଷ ସଂକୀର୍ତ୍ତନ ଦଳ ଥିଲା । ବର୍ତ୍ତମାନ ପ୍ରୌଢ଼ଦଳ, ଯୁବଦଳ, ଶିଶୁଦଳ, ମାତୃଦଳ ଦୃଷ୍ଟିଗୋଚର ହେଉଛନ୍ତି । ଗୁରୁଶିଷ୍ୟ ପରମ୍ପରା ଅନୁସାରେ ସଂକୀର୍ତ୍ତନ ଦଳ ଗଠିତ ହୋଇଥାଏ । ମଧୁର କଣ୍ଠ ସ୍ୱର ଥିବା ବ୍ୟକ୍ତିଙ୍କୁ ଗାୟକ ଭାବରେ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିଥାଏ । ସେହିପରି ବାଦନରେ ସିଦ୍ଧହସ୍ତ ବ୍ୟକ୍ତି ବାୟକ ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି । ରଙ୍ଗିନ ସଂକୀର୍ତ୍ତନରେ ନୃତ୍ୟର ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହେଉଥିବାରୁ ନୃତ୍ୟ ନିପୁଣମାନଙ୍କୁ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପଡ଼ିଥାଏ । ସଂକୀର୍ତ୍ତନ ଦଳଗୁଡ଼ିକ ପ୍ରତିଦିନ ସନ୍ଧ୍ୟାରେ ଭାଗବତ ଟୁଙ୍ଗି, କ୍ଲବ୍ ଘର, ମନ୍ଦିର, ଭଜନମଣ୍ଡଳୀ ଆଦି ସ୍ଥାନଗୁଡ଼ିକରେ ସାଧନା କରି ଆଗାମୀ ପରିବେଷଣ ପାଇଁ ପ୍ରସ୍ତୁତି ଜାରି ରଖନ୍ତି । ସେମାନେ ନିଜ ସହିତ ଏକ ଫ୍ରେମ୍ ଲଗା ଫଟୋ ନେଇ ଯାଇଥାଆନ୍ତି । ଏଥିରେ ଚୈତନ୍ୟ (ଗୌରାଙ୍ଗ), ନିତ୍ୟାନନ୍ଦ (ନିତାଇ) ଫଟୋ, ରାଧାକୃଷ୍ଣଙ୍କ ଯୁଗଳ ଫଟୋ, ପଞ୍ଚତତ୍ତ୍ୱ (ପଞ୍ଚ ସାଧୁ), ଓଁକାର, ସୀତାରାମଙ୍କ ଚିତ୍ର ସମେତ ନାମ ମନ୍ତ୍ର ଲେଖା ଯାଇ ଅନୁଷ୍ଠାନର ନାମ, ସ୍ଥାନ ଆଦି ଖୁବ୍ ସୁନ୍ଦର ଭାବରେ ଉପସ୍ଥାପିତ କରାଯାଇଥାଏ । ବିଭିନ୍ନ ସ୍ଥାନକୁ ସଂକୀର୍ତ୍ତନ ପରିବେଷଣ କରିବାକୁ ଗଲେ ସାଙ୍ଗରେ ଏହି ସନ୍ତକକୁ ନେଇ ଦଳଗୁଡ଼ିକ ଯାଇଥାନ୍ତି ।

## ନାମଯଜ୍ଞ

ନାମ ସଂକୀର୍ତ୍ତନ ବା ନାମଯଜ୍ଞ ଅଷ୍ଟ ପ୍ରହରୀ, ଷୋହଳ ପ୍ରହରୀ, ଚବିଶ ପ୍ରହରୀ, ଛପନ ପ୍ରହରୀ, ଶହେ ଆଠ ପ୍ରହରୀ ତଥା ବର୍ଷ ବର୍ଷ ଧରି ମଧ୍ୟ ଆୟୋଜିତ ହୋଇଥାଏ । ସାଧାରଣ ସ୍ତରରେ କିନ୍ତୁ ଅଧିକନ୍ତୁ ଅଷ୍ଟ ପ୍ରହରୀ, ଚବିଶ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଥାଏ । ଅଷ୍ଟ ପ୍ରହର ଚବିଶ ଘଣ୍ଟା ପାଇଁ ଆୟୋଜିତ ହୋଉଥିବା ବେଳେ ମୋଟ ତିନି ଦିନ ସମୟ ନେଇଥାଏ ଅଧିବାସଠାରୁ ପୂର୍ଣ୍ଣାହୁତି ସମ୍ପନ୍ନ ପର୍ଯ୍ୟନ୍ତ । ଠିକ୍ ସେହିପରି ଚବିଶ ପ୍ରହରୀ ମହାମନ୍ତ୍ର ନାମଯଜ୍ଞରେ ବାସ୍ତରୀ ଘଣ୍ଟା ପାଇଁ ପ୍ରଭୁଙ୍କ ନିର୍ଦ୍ଦିଷ୍ଟ ମନ୍ତ୍ରକୁ ଉଚ୍ଚାରଣ କରାଯାଇଥାଏ । ତେବେ ଅଧିବାସ ଏବଂ ପୂର୍ଣ୍ଣାହୁତିକୁ ନେଇ ସର୍ବମୋଟ ପାଞ୍ଚ ଦିନର ଅବଧିର ଆବଶ୍ୟକ ହୋଇଥାଏ । ଚୈତ୍ର ରାମ ନବମୀ, ପୂର୍ଣ୍ଣମୀ, ବୈଶାଖ ଚତୁର୍ଦ୍ଦଶୀ, ପୂର୍ଣ୍ଣମୀ, ଜ୍ୟେଷ୍ଠ ପୂର୍ଣ୍ଣମୀ, ଆଷାଢ଼, ଶ୍ରାବଣ ପୂର୍ଣ୍ଣମୀ, କାର୍ତ୍ତିକ ପୂର୍ଣ୍ଣମୀ, ମାଘ ଚତୁର୍ଦ୍ଦଶୀ, ସଂକ୍ରାନ୍ତି, ପୂର୍ଣ୍ଣମୀ, ଫାଲ୍‌ଗୁନ ପୂର୍ଣ୍ଣମୀ, ଶିବରାତ୍ରି ଆଦି ସମୟରେ ନାମ ସଂକୀର୍ତ୍ତନର ଆୟୋଜନ କରାଯାଇଥାଏ । ନାମଯଜ୍ଞର ଆୟୋଜନ ବ୍ୟକ୍ତିବିଶେଷ, ପରିବାର, ଅନୁଷ୍ଠାନ, ଗ୍ରାମବାସୀ ଅଥବା ନଗରବାସୀ ହୋଇପାରନ୍ତି । ଏଥିପାଇଁ ଯଥେଷ୍ଟ ସମୟ ପୂର୍ବରୁ ଅର୍ଥ ସଂଗ୍ରହ, ସଂକୀର୍ତ୍ତନ ଦଳକୁ ନିମନ୍ତ୍ରଣ କରାଯାଏ । ଯଜ୍ଞ ପାଇଁ ଏକ କର୍ତ୍ତା ଦମ୍ପତିଙ୍କୁ ଚୟନ କରାଯାଏ । ଭଗବାନଙ୍କ ପରେ କର୍ତ୍ତା ହେଉଛନ୍ତି ନାମଯଜ୍ଞର ଅନ୍ୟତମ ଆକର୍ଷଣ । ନାମଯଜ୍ଞରେ ଉଦଣ୍ଡ ତ ଆଉ କେତେବେଳେ ରଙ୍ଗିନ ସଂକୀର୍ତ୍ତନ ଦଳ ନିଜସ୍ୱ ଶୈଳୀରେ ନାଚି, ଗାଇ ଦର୍ଶକମାନଙ୍କୁ ମନୋରଞ୍ଜନ କରିବା ସଙ୍ଗେ ଆବାଳବୃଦ୍ଧବନିତାଙ୍କୁ ଭକ୍ତି ଭାବରେ ମଜ୍ଜି ଯିବାକୁ ସହଯୋଗ କରନ୍ତି ।

ପ୍ରତ୍ୟେକ ତିନି ଘଣ୍ଟା ଅନ୍ତରରେ ପହର ପଡ଼େ । କର୍ତ୍ତା ଦମ୍ପତି ବିଭିନ୍ନ ପ୍ରହରରେ ବିଭିନ୍ନ ପ୍ରସାଦ, ବ୍ୟଞ୍ଜନ ପ୍ରସ୍ତୁତ କରି ଆଣିଥାଆନ୍ତି । ଆଳତି, ଭୋଗ ଲାଗି ହୋଇ ଉପସ୍ଥିତ ଭକ୍ତଙ୍କ ଗହଣରେ ପ୍ରସାଦ ବଣ୍ଟନ କରନ୍ତି । ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ଗୋଟିଏ ଦଳ ସଂକୀର୍ତ୍ତନ ପରିବେଷଣ କରି ଅନ୍ୟ ଦଳକୁ ମଣ୍ଡପ ଛାଡ଼ି ଦିଅନ୍ତି । ପ୍ରତ୍ୟେକ ନୂତନ ଦଳର ପ୍ରଥମ ଆଗମନରେ ସେମାନଙ୍କୁ ବରଣ କରାଯାଏ । ମୃଦଙ୍ଗ, ଗିନି ଆଦିକୁ ପୂଜା କରାଯାଏ । ପରେ ସଂକୀର୍ତ୍ତନ ଦଳଗୁଡ଼ିକ ଯଜ୍ଞ ମଣ୍ଡଳୀର ଚାରିପଟେ ଘୂରି ଘୂରି ସଂକୀର୍ତ୍ତନ ପରିବେଷଣ କରନ୍ତି । ଭକ୍ତିଭାବ ସହିତ ମନୋରଞ୍ଜନ ପାଇଁ ବିଭିନ୍ନ ଶୈଳୀର ଭକ୍ତି ସଂଗୀତ ସ୍ୱରରେ ନାମ ପରିବେଷଣ ସଙ୍ଗେ ସଙ୍ଗେ ଆଧୁନିକ ଲୋକପ୍ରିୟ ଗୀତର ସ୍ୱରରେ ମଧ୍ୟ କୀର୍ତ୍ତନ କରନ୍ତି । ଗୋଟିଏ ଦଳ ପାଇଁ ନିର୍ଦ୍ଧାରିତ ସମୟ ଅବଧି ପ୍ରଦାନ କରାଯାଇଥାଏ । ତା'ପରେ ଆଉ ଏକ ଦଳ ମଣ୍ଡଳୀ ମଧ୍ୟକୁ ପ୍ରବେଶ କରି ନିଜର ଦାୟିତ୍ୱ ତୁଲାଇ ଥାନ୍ତି । ଏହି ସମୟ ଭିତରେ ଦେଖାଯାଏ ନର୍ତ୍ତକମାନେ ଭକ୍ତିରେ ବିଭୋର ହୋଇପଡ଼ନ୍ତି । କେହି କେହି ମୂର୍ଚ୍ଛା ହୋଇଯାଆନ୍ତି । ରଙ୍ଗିନ ଦଳର ବାହକ ବିଭିନ୍ନ ଶ୍ଳୋକ, ଢଗ, ଆପ୍ତବାକ୍ୟ ଉଚ୍ଚାରଣ କରି ସେଇ ଅନୁସାରେ ମୃଦଙ୍ଗ ଉପରେ ଅଙ୍ଗୁଳି ଚାଳନା କରନ୍ତି । ପାଳିଆମାନେ ବିଭିନ୍ନ ଶୈଳୀର ନୃତ୍ୟ କରନ୍ତି । ନାମଯଜ୍ଞର ଶେଷ ଦିବସରେ ପୂର୍ଣ୍ଣାହୁତି ହୁଏ । ପୂଜା ପରେ 'ହରିବୋଲି' କହି ନାମ ଉଚ୍ଚାରଣକୁ ବିରାମ ଦିଆଯାଏ । ପରେ ଠାକୁରଙ୍କୁ ବିମାନରେ ବସାଇ ସଂକୀର୍ତ୍ତନ ଦଳ, କର୍ତ୍ତା ଦମ୍ପତି, କଳସଧାରୀ, ଭକ୍ତଗଣ ଓ ଜନସାଧାରଣଙ୍କ ଗହଣରେ ନଗର ପରିକ୍ରମା କରାଯାଏ । ସ୍ଥାନେ ସ୍ଥାନେ ଠାକୁରଙ୍କୁ ଧୂପ, ଦୀପ, ନୈବେଦ୍ୟ ବାଢ଼ି ଜନସାଧାରଣ ପୂଜନ କରନ୍ତି । ନଗର ପରିକ୍ରମା ପରେ ବୈଠକୀ କୀର୍ତ୍ତନ ହୋଇ ଶେଷରେ ଦଧିଭାଣ୍ଡ ଭଙ୍ଗା ଯାଇଥାଏ । ଦଧିଭାଣ୍ଡ ଭାଙ୍ଗିବା ପୂର୍ବରୁ ଶ୍ରୀଚୈତନ୍ୟଙ୍କ ସନ୍ନ୍ୟାସ ଯିବା ସ୍ଥିତିକୁ ବର୍ଣ୍ଣନା କରାଯାଏ । ଏହା ଶୁଣି ଶ୍ରୋତାମାନଙ୍କ ଆଖିରୁ ଲୁହ ଝରିପଡ଼େ । ଦହି ହାଣ୍ଡି ଭାଙ୍ଗିବା ପରେ ନିକଟସ୍ଥ ନଈ ବା ପୋଖରୀ କଳସଗୁଡ଼ିକୁ ଭସାଇ ଦିଆଯାଏ । ପରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଏ । ପୁଣି ସଂକୀର୍ତ୍ତନ ଦଳଗୁଡ଼ିକୁ କିରନଛଡ଼ା, ବିଦାକି ଖର୍ଚ୍ଚ, ପ୍ରସାଦ ପ୍ରଦାନ କରି ସସମ୍ମାନେ ବିଦାୟ ଦିଆଯାଏ ।

ଅନେକ ସ୍ଥାନରେ ନାମଯଜ୍ଞର ଶେଷରେ ରାତିରେ ବାଦି ବୈଠକୀର ଆୟୋଜନ କରାଯାଏ । କେତେକ ସ୍ଥାନରେ ନିର୍ବିଘ୍ନରେ ଯଜ୍ଞ ଅନୁଷ୍ଠାନ ସମାପନ ହୋଇଥିବାରୁ ପ୍ରଭୁ ସତ୍ୟନାରାୟଣଙ୍କ ପୂଜା କରାଯାଏ । ଏହି ଧାରା ପଶ୍ଚିମ ଓଡ଼ିଶାର କୋଣ ଅନୁକୋଣରେ ଦେଖିବାକୁ ମିଳିଥାଏ । ଏହା ଦ୍ୱାରା ସଂକୀର୍ତ୍ତନ ପରମ୍ପରା ଉଜ୍ଜୀବିତ ହୋଇ ରହିବା ସଙ୍ଗେ ସଙ୍ଗେ ଭକ୍ତି ମାର୍ଗରେ ଜୀବନକୁ ନେଇଯିବା ପାଇଁ ସୁଯୋଗ ସୃଷ୍ଟି ହୁଏ । ■

**ବାଲିବନ୍ଧା, ସମ୍ବଲପୁର**

## ସଂକୀର୍ତ୍ତନର ଆୟୋଜକ

ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ବିହାରୀ ସମାଜ, ମାରୱାଡ଼ି ସମାଜ, ଗୁଜରାଟୀ ସମାଜ, ଶିଖ ସମାଜ, ଜୟଗୁରୁ ବା ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଅନୁଷ୍ଠାନ, ଆର୍ଟ ଅଫ୍ ଲିଭିଂ, ବିହାର ସ୍କୁଲ ଅଫ୍ ଯୋଗ, କୃପାଳୁ ମହାରାଜଙ୍କ ଅନୁଷ୍ଠାନ, ସତ୍ୟସାଇ ଅନୁଷ୍ଠାନ, ଶିରିଡ଼ି ସାଇ ଅନୁଷ୍ଠାନ ଆଦି ବିଭିନ୍ନ ସମାଜ ଓ ଅନୁଷ୍ଠାନ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥାଏ । ତେବେ ନାମ ସଂକୀର୍ତ୍ତନର ନିଆରା ପରମ୍ପରା ସର୍ବାଦୃତ ଓ ଗ୍ରହଣୀୟ ହୋଇଥାଏ । ଏଠାରେ ସଂକୀର୍ତ୍ତନ ସହିତ ନାମ ଶବ୍ଦକୁ ଯୋଡ଼ା ଯାଇଛି । ନାମ ଅର୍ଥାତ୍ ଭଗବାନଙ୍କ ନାମ । ଅହରହ ଭଗବାନଙ୍କ ନିର୍ଦ୍ଦିଷ୍ଟ ନାମକୁ ଉଚ୍ଚାରଣ କରାଯାଇ ସଂକୀର୍ତ୍ତନର ରୂପ ଦିଆଯାଏ ସ୍ୱର-ତାଳ-ଲୟ, ଖୋଳ-ଝାଞ୍ଜି-ଘୁଙ୍ଗୁର ଆଦି ସହାୟତାରେ ତଥା ମୁଦ୍ରା-ଭାବ-ଭଙ୍ଗୀ-ନୃତ୍ୟର ସମ୍ମେଳନରେ । ସଂକୀର୍ତ୍ତନର ଶେଷ ଲକ୍ଷ୍ୟ ପରମାନନ୍ଦପ୍ରାପ୍ତି । ନାମ ସଂକୀର୍ତ୍ତନ କିଭଳି ଭାବରେ ନାମ ଯଜ୍ଞର ଆଖ୍ୟା ବହନ କଲା ତାହା କହିବା କଷ୍ଟକର । ତେବେ ଭଗବାନଙ୍କୁ ନିଜର ସକଳ ଦୁର୍ଗୁଣକୁ ଅର୍ପଣ କରାଯାଉଥିବାରୁ ଏହା ଯଜ୍ଞ ଭାବରେ ବିବେଚିତ ହୋଇଥାଇପାରେ । ପଶ୍ଚିମ ଓଡ଼ିଶାରେ ନାମ ସଂକୀର୍ତ୍ତନର ପରମ୍ପରା ଅତି ପ୍ରାଚୀନ ଅଟେ । ତେବେ ଆଜି ଯେଉଁ ରୂପରେ ସଂକୀର୍ତ୍ତନର ସ୍ୱରୂପକୁ ପ୍ରତ୍ୟକ୍ଷ ହେଉଛେ, ତାହା ବେଶି ପୁରୁଣା ନୁହେଁ ।





ଡକ୍ଟର ସୁବାସ ପାତ୍ର

# ସଂକୀର୍ତ୍ତନର ପ୍ରକାରଭେଦ

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ସଂକୀର୍ତ୍ତନ ବହୁ ପ୍ରାଚୀନ । ସଂକୀର୍ତ୍ତନର ପ୍ରକାରଭେଦକୁ ବିଚାରକୁ ନେଲେ ଦେଖାଯାଏ ଯେ, ସବୁ ପ୍ରକାରର କୀର୍ତ୍ତନର ଲକ୍ଷ୍ୟ ଏକ, ତାହା ହେଲା ଭଗବାନ ପ୍ରାପ୍ତି । ପ୍ରତ୍ୟେକ ସଂକୀର୍ତ୍ତନରେ ହରିନାମ, ମୃଦଙ୍ଗ, କରତାଳ ସହିତ ସ୍ୱର, ତାଳ ଓ ଲୟରେ ନାମକୁ ଭକ୍ତିର ସହିତ ପରିବେଷଣ କରାଯାଇଥାଏ । ଶ୍ରୀଚୈତନ୍ୟ ମହାପ୍ରଭୁ ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରେ ଶ୍ରୀକ୍ଷେତ୍ରରେ ଅବସ୍ଥାନ କାଳରେ ଏବଂ ପଶ୍ଚିମ ଓଡ଼ିଶା ପର୍ଯ୍ୟଟନ ବେଳେ ଓଡ଼ିଶାରେ ଗୌଡ଼ୀୟ ବୈଷ୍ଣବ କୀର୍ତ୍ତନର ଅଭ୍ୟୁଦୟ ଘଟିଥିଲା । ମାତ୍ର ଷୋଡ଼ଶ ଶତାବ୍ଦୀର ଅନେକ ପୂର୍ବରୁ ଓଡ଼ିଶାରେ ଓଡ଼ିଶୀ ସଂକୀର୍ତ୍ତନର ପ୍ରବର୍ତ୍ତନ ହୋଇଥିଲା ବୋଲି ଅନେକେ ମତ ଦେଇଥାନ୍ତି ।





## ଗୌଡ଼ୀୟ ସଂକୀର୍ତ୍ତନ

ଶ୍ରୀଚୈତନ୍ୟ ଦେବ ବୈଷ୍ଣବ ପରମ୍ପରାରେ ଗୋପିକା ଭାବକୁ ଭକ୍ତିରସ ମାଧ୍ୟମରେ ଏହି ଗୌଡ଼ୀୟ ସଂକୀର୍ତ୍ତନର ପ୍ରଚାର ଓ ପ୍ରସାର କରିଥିଲେ । ଏହାକୁ ମଧ୍ୟ ଗୌରାଙ୍ଗ ମହାପ୍ରଭୁଙ୍କର 'ନଦୀୟା ସଂକୀର୍ତ୍ତନ' କହନ୍ତି । ଏଥିରେ ବହୁତ ଲୋକ ଏକତ୍ର ହୋଇ ଗୋଟିଏ ସ୍ଥାନରେ ଉଚ୍ଚସ୍ୱରରେ ସଂକୀର୍ତ୍ତନ ପରିବେଷଣ କରିଥାନ୍ତି । ପ୍ରଥମେ ଦଳର ନାୟକ ବା ସୁଗାୟକ କୀର୍ତ୍ତନର ପଂକ୍ତିକୁ ଆବୃତ୍ତି କରିବେ । ତା' ପରେ ପରେ ଅନ୍ୟ ସମସ୍ତ ବ୍ୟକ୍ତି ମିଳିତ ସ୍ୱରରେ ତାକୁ ପାଳି ଧରିବେ । ସେମାନେ ଗାନ କଲାବେଳେ ମୃଦଙ୍ଗ, ପଖୌଜ, ଝାଞ୍ଜ, କରତାଳ ପ୍ରଭୃତି ବ୍ୟବହାର କରନ୍ତି । ନାମ ସଂକୀର୍ତ୍ତନ ଯେତେବେଳେ ଜମି ଜମି ଆସେ, କୀର୍ତ୍ତନକାରୀମାନେ ଭକ୍ତିଭାବରେ ବିଭୋର ହୋଇ ହାତଗୋଡ଼ ହଲାଇ ନୃତ୍ୟ ଆରମ୍ଭ କରିଦିଅନ୍ତି । ବେଳେବେଳେ ସେମାନେ ଉଦଣ୍ଡ ନୃତ୍ୟ କରନ୍ତି । ତେଣୁ ଏହାକୁ ମଧ୍ୟ 'ଉଦଣ୍ଡୀ ସଂକୀର୍ତ୍ତନ' କହନ୍ତି । ଗୌରାଙ୍ଗ ମହାପ୍ରଭୁ ସାଧାରଣତଃ ଦୁଇହାତ ଉପରକୁ ଟେକି ନାଚୁଥିଲେ । ଏବେ ଅନେକ ତାଙ୍କୁ ଅନୁସରଣ କରନ୍ତି ଓ ଝାଞ୍ଜ ମୃଦଙ୍ଗର ତାଳେ ତାଳେ ହାତଗୋଡ଼ ହଲାଇ ନାଚନ୍ତି । ସେମାନେ ସ୍ଥାନ,କାଳ,ପାତ୍ର, ସବୁ ଭୁଲିଯାଇ ନୟନରୁ ପ୍ରେମାଶ୍ରୁ ବୁହାଇ ନାମ କୀର୍ତ୍ତନରେ ମଜ୍ଜିଯାଆନ୍ତି ।

ଗୌଡ଼ୀୟ ବୈଷ୍ଣବ ନାମଯଜ୍ଞରେ "ଭଜ ନିତାଇ ଗୌର ରାଧେଶ୍ୟାମ, ଜପ ହରେ କୃଷ୍ଣ ହରେ ରାମ" ଏହି ବିଂଶାକ୍ଷରୀ ମନ୍ତ୍ରକୁ ଭିନ୍ନ ଭିନ୍ନ ସ୍ୱରରେ ଗାନ କରାଯାଏ । ମାତ୍ର ରାମାନୁଜାଚାର୍ଯ୍ୟ ନାମଯଜ୍ଞରେ "ହରେ ରାମ ହରେ ରାମ ରାମ ରାମ ହରେ ହରେ, ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ" ଏହି ବତିଶାକ୍ଷର ମହାମନ୍ତ୍ର ପାଇଁ ମତ ଦିଅନ୍ତି ।

## ଓଡ଼ିଶୀ ସଂକୀର୍ତ୍ତନ

ପଞ୍ଚସଖାଯୁଗରେ ଯେଉଁ କୀର୍ତ୍ତନର ଅଭ୍ୟୁଦୟ ହୋଇଥିଲା ଏବଂ ବିଭିନ୍ନ ଆଶ୍ରମରେ ପରିବେଷିତ ହୋଇଥିଲା, ତାହାକୁ ଓଡ଼ିଶୀ ସଂକୀର୍ତ୍ତନ କହନ୍ତି । ବିଭିନ୍ନ ଭଜନ, ଜଣାଣ, ସ୍ତୁତି, ସ୍ତବ, ଭକ୍ତିଗୀତ, ଏପରିକି ଶ୍ଳୋକ ଓ ମନ୍ତ୍ର ମଧ୍ୟ ଏହି ସଂକୀର୍ତ୍ତନରେ ସ୍ଥାନିତ ହୋଇଥିଲା । ବିଶେଷ କରି ଏକତାଳୀ, ତ୍ରିପଟା, ଝୁଂପା, ଖେମଟା, ଆଠ ତାଳ ପ୍ରଭୃତି ଓଡ଼ିଶୀ ତାଳର ଅନ୍ତର୍ଭୁକ୍ତ । ବର୍ତ୍ତମାନ ଏହା ପ୍ରାୟ ବହୁତ କମ୍ ସ୍ଥାନରେ ଦେଖାଯାଏ । ବିଶେଷତଃ ବିଭିନ୍ନ ମଠ ଓ ଆଶ୍ରମରେ ସ୍ଥାନେ ସ୍ଥାନେ ଏହା ଖଞ୍ଜଣି, ମୃଦଙ୍ଗ,ପଖୋଜ ସହିତ ପରିବେଷିତ ହୋଇଥାଏ ।



## ଇସ୍କନ କୀର୍ତ୍ତନ (ISKCON)

୧୯୬୬ ମସିହାରେ ଅଭୟ ଚରଣ ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ ଆମେରିକାର ପ୍ରସିଦ୍ଧ ନ୍ୟୁୟର୍କ ସହରରେ ଅନ୍ତଃରାଷ୍ଟ୍ରୀୟ କୃଷ୍ଣ ଭାବନାମୃତ ସଂଘ (ଇସ୍କନ) ପ୍ରତିଷ୍ଠା କରିଥିଲେ । ଏହା ଏକ, ଗୌଡ଼ୀୟ ବୈଷ୍ଣବ ହିନ୍ଦୁ ଧାର୍ମିକ ସଂଘ । ବର୍ତ୍ତମାନ ଏହାର ମୁଖ୍ୟାଳୟ ପଶ୍ଚିମବଙ୍ଗରେ ରହିଛି । ଏହି ସଂଘର ମତାନୁସାରେ ହରେ କୃଷ୍ଣ ମହାମନ୍ତ୍ର ପୂର୍ବରୁ ପଞ୍ଚତତ୍ତ୍ୱମନ୍ତ୍ରକୁ ଗୋଟିଏ ରାଉଣ୍ଡ (୧୦୮ ଥର)ଜପ କରିବା ବିଧେୟ । ବିଶେଷତଃ ମହାମନ୍ତ୍ର ଉଚ୍ଚାରଣ ବେଳେ କୌଣସି ଭୁଲ ହେବାର ସମ୍ଭାବନାର ପ୍ରତିକାର ନିମିତ୍ତ ଶ୍ରୀଚୈତନ୍ୟ ଏବଂ ତାଙ୍କ ଅନୁଗାମୀମାନଙ୍କୁ ପ୍ରାର୍ଥନା ସ୍ୱରୂପ ପଞ୍ଚତତ୍ତ୍ୱ ମନ୍ତ୍ର ଜପ କରାଯାଏ । ତା'ପରେ "ହରେ ରାମ ହରେ ରାମ ରାମ ରାମ ହରେ ହରେ, ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ " ମହାମନ୍ତ୍ର ଗାନ କରାଯାଏ । ଇସ୍କନ ନାମ ସଂକୀର୍ତ୍ତନରେ ମଧ୍ୟ ଗିନି ଓ ମୃଦଙ୍ଗ ସୁବ୍ୟବସ୍ଥିତ ଭାବରେ ଭକ୍ତିଭାବ ସହିତ ପରିବେଷଣ କରାଯାଇଥାଏ ।



## ମହିଳା ସଂକୀର୍ତ୍ତନ

ଗତ ଶତାବ୍ଦୀର ଶେଷ ଦଶକରେ ସଂକୀର୍ତ୍ତନ ପ୍ରତି ମହିଳାମାନେ ଆକୃଷ୍ଟ ହୋଇ ସଂକୀର୍ତ୍ତନ ଦଳ ଗଠନ କଲେ । ଏବେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ନାମଯଜ୍ଞଗୁଡ଼ିକରେ ସଂକୀର୍ତ୍ତନ ପରିବେଷଣ କରୁଛନ୍ତି । ସଂପ୍ରତି କୀର୍ତ୍ତନ ଦଳଗୁଡ଼ିକରେ ପୁରୁଷ ମହିଳା ବାଛବିଚାର ନାହିଁ । ଅନେକ ଦଳ ବାହାକ ପ୍ରଧାନ ହୋଇଥିବା ବେଳେ କେତେକ ଦଳ ଗାହାକ ପ୍ରଧାନ । ମହାମନ୍ତ୍ରରେ ବିଭିନ୍ନ ଚଳଚ୍ଚିତ୍ରର ସ୍ୱର ସହିତ ଲୋକଗୀତର ସ୍ୱରକୁ ମଧ୍ୟ ସନ୍ନିହିତ କରାଯାଉଛି ।

## ନିଷ୍କାମ କୀର୍ତ୍ତନ

ବ୍ୟକ୍ତିଗତ ଭାବରେ ନିତ୍ୟ ନିୟମିତ ସକାଳେ ଓ ସନ୍ଧ୍ୟାରେ ବା ରାତ୍ରିର ନିରୋଳା ପ୍ରହରରେ ନାମ କୀର୍ତ୍ତନ କଲେ ଭଗବାନ ପ୍ରସନ୍ନ ହୁଅନ୍ତି । ନିଷ୍କାମ କୀର୍ତ୍ତନର ବିଶେଷତ୍ୱ ହେଲା 'ନାମ – ସାଧକ' ନାମ ପ୍ରେମରେ ଏପରି ପଡ଼ି ଯାହାନ୍ତି ଯେ, ସେଥିରେ ସ୍ୱାର୍ଥର ବିନ୍ଦୁବିସର୍ଗ ନଥାଏ । ଭଗବାନଙ୍କ ନାମ କୀର୍ତ୍ତନ ଏକ ମାତ୍ର ଉଦ୍ଦେଶ୍ୟ । ସକାମ ସଂକୀର୍ତ୍ତନରେ ଆର୍ତ୍ତ ଭାବର ପ୍ରାଧାନ୍ୟ ଥିବା ବେଳେ ନିଷ୍କାମ ନାମ କୀର୍ତ୍ତନରେ ପ୍ରେମ ଭାବର ପ୍ରାଧାନ୍ୟ ପରିଲକ୍ଷିତ ହୁଏ ।

ସଂକୀର୍ତ୍ତନ ପରମ୍ପରା ଧୀରେ ଧୀରେ ପରିବର୍ତ୍ତନ ହେବାର ଶୁଣିଛି । ସଂକୀର୍ତ୍ତନ ମଧ୍ୟରେ ରୁପେଲି ପରଦାର ସୁର ଓ ଅନ୍ୟାନ୍ୟ ମନୋରଞ୍ଜନ ମାଧ୍ୟମର ପ୍ରବେଶ ଯୋଗୁଁ ଶାସ୍ତ୍ରୀୟତା ଧୀରେ ଧୀରେ ଅପସରି ଯିବାରେ ଲାଗିଛି । ଗୌଡ଼ୀୟ କୀର୍ତ୍ତନ ଏବଂ ରଙ୍ଗୀ କୀର୍ତ୍ତନ ଶ୍ରୁତିମଧୁର ଓ ରସୋଦ୍ଦୀପକ ହୋଇଥିବା ଯୋଗୁଁ ଶ୍ରୋତା ବା ଦର୍ଶକ ସହଜରେ ନାମ କୀର୍ତ୍ତନର ରସ ଆସ୍ୱାଦନ କରିବାକୁ ସମର୍ଥ ହୋଇଥାନ୍ତି, କିନ୍ତୁ ନୂଆ ରୂପର କୀର୍ତ୍ତନ ଗୁଡ଼ିକର ସୁର, ବାଦ୍ୟ ଓ ନାଚକୁ ଅଧିକ ପ୍ରାଧାନ୍ୟ ଦିଆଯିବା ଯୋଗୁଁ ନାମର ପ୍ରାଧାନ୍ୟ ଗୌଣ ହୋଇ ସଙ୍ଗୀତ ଓ ନାଚ ମୁଖ୍ୟ ସ୍ଥାନ ଅଧିକାର କରିଛି । ତେଣୁ ଆମକୁ ନାମ ସଂକୀର୍ତ୍ତନର ମୌଳିକତାକୁ ପ୍ରୋତ୍ସାହନ ଦେବାର ସମୟ ଉପସ୍ଥିତ ।

ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

୯୨ ବର୍ଷର ପରମ୍ପରା

# ନାମଯଜ୍ଞରେ ସଂକୀର୍ତ୍ତନ

ପ୍ରମୋଦ ପ୍ରଧାନ, ଡେରାବିଶ



ଓଡ଼ିଆ ସଂସ୍କୃତି, ପରମ୍ପରା କଥା ଉଠିଲେ ମନେପଡ଼େ ପୁରାତନ ଭାଗବତ ଟୁଙ୍ଗି, ପାଲା ମଣ୍ଡପ, ନାମ ସଂକୀର୍ତ୍ତନ କଥା । ସାଧାରଣତଃ ଗାଁଗୁଡ଼ିକରେ କୃଷକମାନେ ଦୈନନ୍ଦିନ କର୍ମ ସାରି ସନ୍ଧ୍ୟାରେ ଭାଗବତ ଟୁଙ୍ଗିରେ ଭାଗବତ ପାଠ କରିସାରିଲା ପରେ ନାମ ସଂକୀର୍ତ୍ତନ କରିଥାନ୍ତି । କୌଣସି ପରିବାରରେ ସନ୍ତାନସନ୍ତତିଙ୍କ ଏକୋଇଶିଆ ହେଲେ ବା କୌଣସି ବ୍ୟକ୍ତିଙ୍କ ପରଲୋକ ହେଲେ ନାମ ସଂକୀର୍ତ୍ତନ କରିବାର ପରମ୍ପରା ପ୍ରଚଳିତ । ତେବେ ସାରା ଓଡ଼ିଶାରେ ଏବେ ବି ସଂକୀର୍ତ୍ତନ ପରମ୍ପରାକୁ ବଜାୟ ରଖିଛି ଚତୁର୍ଥ ପ୍ରହର ଓ ଅଷ୍ଟପ୍ରହର ନାମଯଜ୍ଞ ।

କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ୍‌ର ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ପଥରପଡ଼ାସ୍ଥିତ ଶ୍ରୀ ଶ୍ରୀ ସିଦ୍ଧବାନାମ୍ବର ମହାପୁରୁଷଙ୍କ ପୀଠରେ ଦୀର୍ଘ ୯୨ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଛି ୨୪ ପ୍ରହର ନାମଯଜ୍ଞ । ଏହି ନାମଯଜ୍ଞ ଅଞ୍ଚଳର ସଂକୀର୍ତ୍ତନ ପରମ୍ପରାକୁ ଉଜ୍ଜୀବିତ କରି ରଖିଛି । ପବିତ୍ର ଶ୍ରୀରାମ ନବମୀ ତିଥିରୁ ଏହି ସଂକୀର୍ତ୍ତନ ତିନିଦିନ ଧରି ଅହୋରାତ୍ର ହୋଇଥାଏ । ଏହି ନାମଯଜ୍ଞ ଆରମ୍ଭରୁ ପଥରପଡ଼ା ଏବଂ ପଡ଼ୋଶୀ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀଙ୍କୁ ନେଇ ଆୟୋଜିତ ହେଉଛି । ଏବେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ପ୍ରାନ୍ତରରୁ ୧୦୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ଏଥିରେ ଭାଗ ନେଇଥାନ୍ତି । ଏହି ତିନିଦିନ ଗ୍ରାମର ପ୍ରତ୍ୟେକ ପରିବାରର ସମସ୍ତ ସଦସ୍ୟ ଏଠାରେ ନାମଯଜ୍ଞରେ ଉପସ୍ଥିତ ରହିଥାନ୍ତି । ଏପରିକି ବାହାରେ ଚାକିରି କରିଥିବା ବ୍ୟକ୍ତି ମଧ୍ୟ ଏହି ସମୟରେ ଛୁଟି ନେଇ ଘରକୁ ଆସିଥାନ୍ତି । ବିଶେଷ କରି ବ୍ୟବସାୟ କରୁଥିବା ଗ୍ରାମର ଅଧିକାଂଶ ପରିବାର ଏହି ତିନିଦିନ ତାଙ୍କର ବ୍ୟବସାୟ ବନ୍ଦ କରି ଏଥିରେ ସାମିଲ ହୋଇଥାନ୍ତି । ଏମିତିକି ଗ୍ରାମର ଯେଉଁ ବ୍ୟକ୍ତିଙ୍କୁ ଯେ କୌଣସି ଦାୟିତ୍ୱ ଦିଆଯାଏ, ସେ ନିଷ୍ଠାର ସହିତ କରିଥାନ୍ତି । ଏହି ନାମଯଜ୍ଞ ଗ୍ରାମବାସୀଙ୍କ ଭିତରେ ଭାଇଚାରା ଓ ଭକ୍ତିଭାବନା ସୃଷ୍ଟି କରିଥାଏ । ■





## ସଂକୀର୍ତ୍ତନ ମାଧ୍ୟମରେ ସଚେତନତା”



ସମସ୍ତ ଲୋକକଳା ମଧ୍ୟରୁ ନାମ ସଂକର୍ତ୍ତୀନ ହେଉଛି ଶ୍ରେଷ୍ଠ ଲୋକକଳା । କାରଣ ସମସ୍ତ ଲୋକକଳା ମଧ୍ୟରୁ କେବଳ ନାମ ସଂକୀର୍ତ୍ତନ ପୁରାଣରେ ବର୍ଣ୍ଣନା କରାଯାଇଛି । ମହାପୁରାଣ ଜଗନ୍ନାଥ ଦାସଙ୍କ କୃତ ଶ୍ରୀମଦ୍‌ଭାଗବତରେ ସୁନ୍ଦର ନବାକ୍ଷରୀ ଛାନ୍ଦରେ ଲେଖିଛନ୍ତି:

କଳି କଲୁଷ ନିବାରଣ\ କେବଳ ନାମ ସଂକୀର୍ତ୍ତନ ॥
କୃଷ୍ଣ ମୂରତି ଭଗବାନ \ କେବଳ ନାମ ସଂକୀର୍ତ୍ତନ...

ଯେଉଁଠି ନାମ ହୁଏ, ସେହି ସ୍ଥାନରେ ପରମବ୍ରହ୍ମ ନାରାୟଣ ବିରାଜମାନ କରନ୍ତି । ସେ ସ୍ଥାନ ପାଲଟିଯାଏ ବୈକୁଣ୍ଠପୁର । ନାମ ହିଁ ପରମ ଧର୍ମ, ନାମ ହିଁ ପରମ ତପ । ନାମ ହିଁ ପରମ ବନ୍ଧୁ । ନାମଠାରୁ ଶ୍ରେଷ୍ଠ ପଦାର୍ଥ ସଂସାରରେ କିଛି ନାହିଁ । କାଶୀ କ୍ଷେତ୍ରରେ ଲକ୍ଷେ ଧେନୁ ଦାନ କଲେ ଯେତିକି ପୂର୍ଣ୍ଣ ହୁଏ, ମାଘ ମାସରେ ପ୍ରୟାଗ ତୀର୍ଥରେ ସ୍ନାନ କଲେ ତାହାର ପୂର୍ଣ୍ଣଫଳ ଏବଂ ସୁମେରୁ ତୁଲ୍ୟ ସୁନା ଦାନ କଲେ ଯେତିକି ପୂର୍ଣ୍ଣ ହୁଏ, ନାମ ସଂକୀର୍ତ୍ତନ କଲେ ସେତିକି ପୂର୍ଣ୍ଣ ମିଳେ । ତେଣୁ ପ୍ରଭୁଙ୍କ ନାମ ସଂକୀର୍ତ୍ତନ ଓ ତାଙ୍କ ଗୁଣକୁ ସବୁଠି ପ୍ରଚାର କରିବାକୁ ୧୦ଜଣ ସଦସ୍ୟଙ୍କୁ ନେଇ 'ମାଧବାନନ୍ଦ ଜୀଉ ସଂକୀର୍ତ୍ତନ ମଣ୍ଡଳୀ' ଗଢ଼ିଛୁ । ୧୯୮୦ ମସିହାରୁ ଏଯାବତ୍ ଓଡ଼ିଶାର ପ୍ରାୟତଃ ଜିଲ୍ଲାର ଗ୍ରାମାଞ୍ଚଳ, ସହରାଞ୍ଚଳ ସମେତ ରାଜ୍ୟ ସଂକୀର୍ତ୍ତନ ମହୋତ୍ସବରେ ଯୋଗଦେଇ ପ୍ରଭୁଙ୍କ ଗୁଣଗାନ କରୁଛି । ଅଧିକାଂଶ ନାମ ସଂକୀର୍ତ୍ତନ, ଓଡ଼ିଶୀ ସଂକୀର୍ତ୍ତନ, ଗୁଣ କୀର୍ତ୍ତନ କରି ପ୍ରଭୁଙ୍କ ସମସ୍ତ ଲୀଳା, ତାଙ୍କର ମହିଳା ଓ ଜୀବନଭିତ୍ତିକ ଗାଥାକୁ ସଂକୀର୍ତ୍ତନ ମାଧ୍ୟମରେ ଲୋକଙ୍କ ସାମ୍ନାରେ ପରିବେଷଣ କରୁଛି । ନାମ ସଂକୀର୍ତ୍ତନକୁ ପେସା ନୁହେଁ, ନିଶା ଭାବେ ଗ୍ରହଣ କରିଛୁ । ତେବେ ଠାକୁରଙ୍କ ନାମ ଓ ଗୁଣ ପ୍ରଚାର କରିବା, ସଂକୀର୍ତ୍ତନ ଜରିଆରେ ଲୋକଙ୍କୁ ସଚେତନ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ । ■

**ଅରକ୍ଷିତ ସ୍ୱାଇଁ**
ସଂକୀର୍ତ୍ତନ ଗାୟକ, ନିଆଳି, କଟକ

## ସଂକୀର୍ତ୍ତନ ମନୋରଞ୍ଜନଧର୍ମୀ ହେବା ଭଲ ନୁହେଁ”



ଆଧୁନିକତାର ପ୍ରଭାବରେ ଦିନକୁ ଦିନ ସଂକୀର୍ତ୍ତନର ରୂପ ଓ ସ୍ୱରୂପ ପରିବର୍ତ୍ତନ ହେଉଛି । କେତେକ ଏହାକୁ ତାମସିକ ଭାବେ ଗ୍ରହଣ କରୁଛନ୍ତି । ସଂକୀର୍ତ୍ତନ ନାଁରେ ଏବେ ମହିଳା କୀର୍ତ୍ତନଠାରୁ ଆରମ୍ଭ କରି ଶିଶୁ ସଂକୀର୍ତ୍ତନ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଯାହା ହେବା କଥା ନୁହେଁ । ଭଗବାନଙ୍କ ମହିମା ପ୍ରଚାର ପ୍ରସାର ପାଇଁ ଏହା ହେବା ବଦଳରେ ଏହା ଦିନକୁ ଦିନ ମନୋରଞ୍ଜନଧର୍ମୀ ହୋଇଯାଉଛି । ଯାହା ସମାଜ ପାଇଁ ଭଲ ନୁହେଁ । ଆଧୁନିକ ଗୀତର ସ୍ୱରରେ ସଂକୀର୍ତ୍ତନ ଭକ୍ତର ଧର୍ମୀୟ ଭାବନାକୁ କୁଠାରଘାତ କରୁଛି । ■

**ପରମେଶ୍ୱର ଜେନା**
ଦଇପୁର,ଧର୍ମଶାଳା

## ମନୋରଞ୍ଜନ କାର୍ଯ୍ୟକ୍ରମ ଯୋଗୁଁ ସଂକୀର୍ତ୍ତନର ଗୁରୁତ୍ୱ କମୁଛି”



ସଂକୀର୍ତ୍ତନ ହେଉଛି ଭାବର ପ୍ରକାଶର ମାଧ୍ୟମ । ଏହା ବିଭିନ୍ନ ସମୟକୁ ନେଇ ହୋଇଥାଏ । ଯେପରିକି ସକାଳ ସମୟରେ ହେଉଥିବା ସଂକୀର୍ତ୍ତନକୁ ପ୍ରଭାତୀ କୁହାଯାଏ । ଅନ୍ୟାନ୍ୟ ସମୟରେ ହେଉଥିବା ସଂକୀର୍ତ୍ତନର ସ୍ୱତନ୍ତ୍ରତା ରହିଛି । ସନ୍ଧ୍ୟା ସମୟରେ ଆଳତି ହୁଏ । ଏଭଳି ଅନେକ ନିତିନିୟମ ଥିଲେ ମଧ୍ୟ ଏବେ ତାକୁ ଠିକଣା ଭାବେ କରାଯାଉନାହିଁ । ସେହିପରି ସଂକୀର୍ତ୍ତନ ସମୟରେ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ କରାଯାଉଥିବା ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଫଳରେ ସଂକୀର୍ତ୍ତନର ଗୁରୁତ୍ୱ କମୁଛି । ■

**ନଟବର ସାହୁ**
ସଂକୀର୍ତ୍ତନ ଗୁରୁ, ସୋରେଇ,ଜେନାପୁର

## ମୁକ୍ତି ପାଇବାର ମାଧ୍ୟମ ସଂକୀର୍ତ୍ତନ”



କଳିଯୁଗରେ ଜୀବମୁକ୍ତି ପାଇବାକୁ ହେଲେ ଏକ ମାତ୍ର ଭଗବାନଙ୍କ ନାମ ଜପ କରିବା ସାର । ସଂସ୍କୃତ ଭାଗବତ ଅନୁଯାୟୀ ସତ୍ୟଯୁଗରେ ତପ, ତ୍ରେତୟା ଯୁଗରେ ଯଜ୍ଞ, ଦ୍ୱାପରେ ସେବା କରି ମୁକ୍ତି ମିଳୁଥିଲା ବେଳେ କଳି ଯୁଗରେ 'କଲୈ ତଧତେ କୀର୍ତ୍ତନାତ୍' ଅର୍ଥାତ୍ ନାମ ଯଜ୍ଞ ଏକମାତ୍ର ମାଧ୍ୟମ । ■

**ବୈଷ୍ଣବ ମଦନମୋହନ ଦାସ ମହାରାଜ**
କୋରେଇ, ଯାଜପୁର



# ସଂକୀର୍ତ୍ତନ ପ୍ରଶିକ୍ଷଣ କେନ୍ଦ୍ର



ହେମନ୍ତ ନାୟକ, ପୁରୀ

**ବିଭିନ୍ନ ଶାସ୍ତ୍ରରେ ବର୍ଣ୍ଣନା ହୋଇଛି, କଳିଯୁଗରେ ନାମ ହେଉଛି ସାର । ଅର୍ଥାତ୍ ମୁକ୍ତିର ମାର୍ଗ ହେଉଛି ନାମ କୀର୍ତ୍ତନ । ଖୋଳ ଓ ତାଳ ମାଧ୍ୟମରେ ପ୍ରଭୁଙ୍କ ନାମ ଜପ କରି ତାଙ୍କ ଲୀଳାର ପ୍ରସାର କରାଇବା ସଂକୀର୍ତ୍ତନର ମୂଳ ଉଦ୍ଦେଶ୍ୟ । ପୂର୍ବରୁ ପ୍ରାୟ ସବୁ ଗାଁରେ ସଂକୀର୍ତ୍ତନ ମଣ୍ଡଳୀ ଥିଲା । କାଳକ୍ରମେ ଏହି ସଂକୀର୍ତ୍ତନ ଜନମାନସରୁ ଲୋପ ପାଇବାକୁ ବସିଲାଣି । ସରକାର ଏହାର ପୁନରୁଦ୍ଧାର ପାଇଁ ବିଭିନ୍ନ ପ୍ରୋତ୍ସାହନ ସହ କଳାକାରଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି । ଏହାସତ୍ତ୍ୱେ ଏହି ପ୍ରାଚୀନ ପରମ୍ପରାକୁ ଆପଣେଇବାକୁ କଳାକାର ତତ୍ପରତା ପ୍ରକାଶ କରୁନାହାନ୍ତି । ଏଭଳି ସ୍ଥିତିରେ ଏହି ପରମ୍ପରାକୁ କିପରି ଉଜ୍ଜୀବିତ ରହି ଓଡ଼ିଶାର ପୁରପଲ୍ଲୀରେ ପ୍ରଭୁଙ୍କ ନାମର ପ୍ରଚାର ପ୍ରସାର ହୋଇପାରିବ ଏବଂ ଏଥିପ୍ରତି କିପରି ଅନ୍ୟମାନେ ଅଧିକ ମାତ୍ରାରେ ଆଗ୍ରହ ପ୍ରକାଶ କରିବେ, ସେଥିଲାଗି ପୁରୀରେ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ ପକ୍ଷରୁ ସମଙ୍ଗରାଠାରେ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଛି ।**

## ସଂକୀର୍ତ୍ତନ ପ୍ରଶିକ୍ଷଣ କେନ୍ଦ୍ରର ଆଭିମୁଖ୍ୟ

ସଂକୀର୍ତ୍ତନ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠାର ପରିକଳ୍ପନା, ଆଭିମୁଖ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦର ସମ୍ପାଦକ ଡ. ଜଟାଧାରୀ ମିଶ୍ର କହିଛନ୍ତି, ପ୍ରତିବର୍ଷ ଶ୍ରୀଲୋକନାଥଙ୍କ ପୀଠରେ କାର୍ତ୍ତିକ ମାସ ସନ୍ଧ୍ୟା ସମୟରେ ନାମ କୀର୍ତ୍ତନ ହୁଏ । ୨୦୦୦ ମସିହାରେ ୩୦ ମଣ୍ଡଳ ସଂକୀର୍ତ୍ତନ ନେଇଥିଲୁ । ଗୋଟିଏ ମଣ୍ଡଳରେ ୧୫ ଜଣ କରି ୪୫୦ ଜଣ ରହିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ପ୍ରତିବର୍ଷ ସଂକୀର୍ତ୍ତନିଆଙ୍କ ସଂଖ୍ୟା କମୁଥିବା ଦେଖାଗଲା। ପ୍ରତିବର୍ଷ ଲୋକ ସଂଖ୍ୟା କମି ଗୋଟିଏ ଗ୍ରୁପ୍‌ରେ ୧୦ ଜଣ ଆସିଲେ। କାହିଁକି କମୁଛନ୍ତି ବୋଲି ତା'ର କାରଣ ଖୋଜିଲୁ । ୨ଟି କାରଣ ପାଇଲୁ । ଗୋଟିଏ ହେଉଛି ଗାଁ କୋଠ ଝାଞ୍ଜ, ଖୋଳ, ଗିନି ପାଇଁ ପଇସା ଦେଉଥିଲା। ହେଲେ ଗାଁ କୋଠ ଆର୍ଥିକ ସ୍ଥିତି ଖରାପ ହେବାରୁ ସେ ଆଉ ଅନୁଦାନ ଦେଲେ ନାହିଁ। ସେହିପରି ଅନ୍ୟ ଏକ କାରଣ ହେଉଛି ଯୁବପିଢ଼ି ସଂକୀର୍ତ୍ତନ ପ୍ରତି ଆଗ୍ରହ କଲେନି। ତେଣୁ ସଂକୀର୍ତ୍ତନର ଏଭଳି ଅବକ୍ଷୟମୁଖୀ ସ୍ଥିତିକୁ ଦେଖି ଆମେ କେତେଜଣ ବସି ଆଲୋଚନା କଲୁ। କାରଣ ଜନ୍ମଠୁ ମୃତ୍ୟୁ ପର୍ଯ୍ୟନ୍ତ ସଂକୀର୍ତ୍ତନର ଆବଶ୍ୟକତା ରହିଛି । ପିଲା ଜନ୍ମ ହେଉ କିମ୍ବା ଶବ ଶ୍ମଶାନକୁ ଯାଉ ସଂକୀର୍ତ୍ତନ ଲୋଡ଼ା ପଡ଼ିଥାଏ। ତେଣୁ ଏହାକୁ କିପରି ବଜାୟ ରଖିହେବ, ସେଥିଲାଗି ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ ଗଠନ କରାଯାଇଛି।

ରାଜ୍ୟ ସରକାରଙ୍କ ସହଯୋଗରେ ୨୦୧୦ ସେପ୍ଟେମ୍ବର ୭ ତାରିଖରେ ତତ୍କାଳୀନ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ରାଜ୍ୟ ସରକାର ୭ଲକ୍ଷ ୨୦ ହଜାର ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ସମଙ୍ଗରା ଗ୍ରାମବାସୀ ୧୦ ଡେସିମିଲ ଜମି ଦାନ ସୂତ୍ରରେ ଦେଇଥିଲେ। ୨୦୧୮ ଏପ୍ରିଲ ୧୮ ତାରିଖ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ । ୨୦୧୧ ଏପ୍ରିଲ ପହିଲାରେ ସରକାର ସଂକୀର୍ତ୍ତନକୁ ଲୋକକଳା ଭାବେ ଘୋଷଣା କଲେ । ଏହାପରେ ବ୍ଲକ୍, ଜିଲ୍ଲା ଏବଂ ରାଜ୍ୟ କଳା ସଂସ୍କୃତି ସଂଘ ଗଠନ ହେଲା। ଯେଉଁମାନେ ସଂକୀର୍ତ୍ତନ କଲେ ସେମାନେ ସଂକୀର୍ତ୍ତନ କଳାକାର ହେଲେ ।

## ଗୀତ ଓ ବାଦ୍ୟ ପ୍ରଶିକ୍ଷଣ

ସଂକୀର୍ତ୍ତନରେ ହରେକୃଷ୍ଣ ମନ୍ତ୍ର ଜପ କରାଯାଉଛି । ତେବେ ନାମ କୀର୍ତ୍ତନ ମାଧ୍ୟମରେ ଜଗନ୍ନାଥଙ୍କ ନାମ କିପରି ଉଚ୍ଚାରିତ ହେବ ସେ ବିଷୟରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି । ଜାନୁୟାରୀ ମାସରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ଭାଗ ନେଇଥିବା ସମସ୍ତ (୧୫୦)ଙ୍କୁ ଜଗନ୍ନାଥଙ୍କ ନାମ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିପରି ପୂର୍ବରୁ ଗୀତଗୋବିନ୍ଦ ସଙ୍ଗୀତ ମାଧ୍ୟମରେ ହେଉଥିଲା। ଏହାକୁ ସଂକୀର୍ତ୍ତନ ମାଧ୍ୟମରେ ବର୍ତ୍ତମାନ ପରିବେଷଣ କରାଯାଉଛି। ଏହାକୁ ମଧ୍ୟ କେନ୍ଦ୍ରରେ ଶିକ୍ଷା ଦିଆଯାଉଛି । ଏତଦ୍‌ବ୍ୟତୀତ ଯୁବପିଢିଙ୍କୁ ଏଥିପ୍ରତି ଆକର୍ଷିତ କରିବା ଲାଗି ସଙ୍ଗୀତ କାର୍ଯ୍ୟକ୍ରମ କରାଯାଉଛି । ସଙ୍ଗୀତ ଶିକ୍ଷାକେନ୍ଦ୍ରରେ ମୃଦଙ୍ଗ, ଗୀତ ବୋଲିବା, ପ୍ରବଚନ କାର୍ଯ୍ୟକ୍ରମ ଛୋଟ ଛୋଟ ପିଲାଙ୍କୁ ନେଇ କରାଯାଉଛି। କେବଳ ସମଙ୍ଗରା ନୁହେଁ, ଏହିଭଳି ଶିରୁଳୀ ମହାବୀର ନିକଟ ଖଣ୍ଡିଘର ଗ୍ରାମରେ ଏବଂ ଅନ୍ୟଟି ବାଲିପୁଟ ଗ୍ରାମରେ ସଂକୀର୍ତ୍ତନ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର କରାଯାଇଛି । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମଧ୍ୟ ଏହି କାର୍ଯ୍ୟକ୍ରମ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି ସମ୍ପାଦକ ଡ. ଜଟାଧାରୀ ମିଶ୍ର ।




ଡ. ଜଟାଧାରୀ ମିଶ୍ର

ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ, ଓଡ଼ିଶାର ରାଜ୍ୟସ୍ତରୀୟ କମିଟିର ସଭାପତି ରହିଛନ୍ତି ପୂର୍ବତନ ସୂଚନା ଓ ଲୋକ ସମ୍ପର୍କ ବିଭାଗ କମିଶନର ଦିଗମ୍ବର ମହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀ ମହାନ୍ତି ଚାକିରିରେ ଥିବାବେଳେ ସରକାରଙ୍କଠାରୁ ସ୍ୱତନ୍ତ୍ର ଭାବେ ଅନୁମତି ଅଣାଯାଇ ତାଙ୍କୁ ସଭାପତି କରାଯାଇଛି। ଝାଞ୍ଜପିଟା ମଠ ମହନ୍ତ ସଚ୍ଚିଦାନନ୍ଦ ଦାସ ମହାରାଜ ଉପସଭାପତି, ଡ. ଜଟାଧାରୀ ମିଶ୍ର, ସମ୍ପାଦକ, ପ୍ରତିଭା ମିଶ୍ର, ଉପସଭାପତି, ପୂର୍ବତନ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ ସାମନ୍ତରାୟ, ରାଜ୍ୟ ସଂଯୋଜକ, ଚକ୍ରଧର ମହାପାତ୍ର, ସଙ୍ଗଠନ ସମ୍ପାଦକ, ପ୍ରାକ୍ତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୀ ସଦର ଦେବଦତ୍ତ ଷଡ଼ଙ୍ଗୀ, ଆୟୁଷ ନୋଡାଲ ଅଫିସର ଦେବପ୍ରସାଦ ଦାଶ ପ୍ରମୁଖ ଏହାର ସଦସ୍ୟ ଅଛନ୍ତି । ■

### ଶ୍ରୀଜଗନ୍ନାଥ ସଂସ୍କୃତିର ଅଂଶ ସଂକୀର୍ତ୍ତନ

ଅନେକଙ୍କ ଏକ ଧାରଣା ରହିଛି, ଶ୍ରୀଚୈତନ୍ୟ ଆସିବା ପରେ ୧୫୦୦ ଖ୍ରୀଷ୍ଟାବ୍ଦରୁ ଓଡ଼ିଶାରେ ନାମ କୀର୍ତ୍ତନ ଆରମ୍ଭ ହୋଇଛି। ହେଲେ ଏହା ପୂର୍ବରୁ ଜଗନ୍ନାଥ ମନ୍ଦିର ସହିତ ନାମ କୀର୍ତ୍ତନ ଜଡ଼ିତ ରହିଛି । ଯେତେବେଳେ ଦାରୁବିଗ୍ରହଙ୍କ ମୂର୍ତ୍ତି ଗୁଣ୍ଡିଚା ମନ୍ଦିରରେ ତିଆରି ହୋଇ ଶ୍ରୀମନ୍ଦିରକୁ ଆସିଲା ସେତେବେଳେ ନାମ କୀର୍ତ୍ତନ ହେଉଥିଲା । ମଙ୍ଗଳ ଆଳତିଠାରୁ ରାତିରେ ପହୁଡ଼ ବେଳେ ବି ନାମ କୀର୍ତ୍ତନ ହେଉଛି । ସଂକୀର୍ତ୍ତନ ଜଗନ୍ନାଥ ସଂସ୍କୃତିର ଅଂଶବିଶେଷ । କିନ୍ତୁ ଶ୍ରୀଚୈତନ୍ୟ ଏହାର ବହୁଳ ପ୍ରଚାର ପ୍ରସାର କରିଛନ୍ତି । ବିଭିନ୍ନ ଗାଁ ଗହଳିରେ ଆଜି ଅଷ୍ଟ ପ୍ରହରୀ, ଚବିଶ ପ୍ରହରୀ ହେଉଛି ।

ସଂକୀର୍ତ୍ତନ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠାର କିଛି ଉଦ୍ଦେଶ୍ୟ ମଧ୍ୟ ରହିଛି । ସରକାରଙ୍କ ସଚେତନତା କାର୍ଯ୍ୟକ୍ରମକୁ ଯଦି ସିଧାସଳଖ ସଂକୀର୍ତ୍ତନ ମାଧ୍ୟମରେ ପ୍ରଚାର ପ୍ରସାର କରାଯାଏ, ତେବେ ନାମ କ୍ଷତିଗ୍ରସ୍ତ ହେବ । ନାମର ଉପକାରିତା ନା ବ୍ୟକ୍ତି ନା ଅଞ୍ଚଳ କେହି ପାଇବେ ନାହିଁ। ତେଣୁ ନାମର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖି ସେଥିରେ ସରକାରଙ୍କ ସଚେତନତା କାର୍ଯ୍ୟକ୍ରମକୁ କିଭଳି ପରିବେଷଣ କରାଯିବ, ସେହି ଉଦ୍ଦେଶ୍ୟରେ କେନ୍ଦ୍ରର ପରିକଳ୍ପନା କରାଯାଇଛି। ସାଧୁସନ୍ଥ, ସଚେତନତା କାର୍ଯ୍ୟକ୍ରମରେ ସମ୍ପୃକ୍ତ ବ୍ୟକ୍ତିବିଶେଷକୁ ନେଇ ଏଥିପାଇଁ ଏକ କମିଟି ଗଠନ ହୋଇଛି । କମିଟିର ସୁପାରିଶକ୍ରମେ ସଂକୀର୍ତ୍ତନ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।



ପ୍ରଭୁ ଭଗବାନଙ୍କ ନାମ ଜପରେ ଭକ୍ତ ପାଏ ଅପାର ଆନନ୍ଦ ଓ ପରମ ଶାନ୍ତି । ସେଥିପାଇଁ ତ ସଂକୀର୍ତ୍ତନରେ ମଜ୍ଜି ଯାଆନ୍ତି ଭକ୍ତମାନେ । ପ୍ରଭୁଙ୍କ ନାମ ଜପ କରିବା ସହିତ ବାଦ୍ୟର ତାଳ ଓ ସୁରରେ ଭାବବିହ୍ୱଳ ହୋଇ ଭକ୍ତମାନେ ନାଚି ଉଠନ୍ତି । ସଂଗୀତର ବିଭିନ୍ନ ରାଗରାଗିଣୀ ସହିତ ବାଦ୍ୟଯନ୍ତ୍ର ସଂକୀର୍ତ୍ତନକୁ ଅଧିକ ଆକର୍ଷଣୀୟ କରେ । ସଂକୀର୍ତ୍ତନରେ ମୃଦଙ୍ଗ, ଝାଞ୍ଜ, ଗିନି, କୁବ୍‌ଜା, ବୀର କାହାଳୀ ଆଦି ବାଦ୍ୟଯନ୍ତ୍ର ବ୍ୟବହୃତ ହୋଇଥାଏ । ଓଡ଼ିଶାରେ ପ୍ରଚଳିତ ବାଦ୍ୟଯନ୍ତ୍ର ଆଧାରରେ ଅନେକ କଳା ଗଢ଼ି ଉଠିଛି । ତନ୍ମଧ୍ୟରୁ ମୃଦଙ୍ଗ ଆଶ୍ରିତ କଳାଗୁଡ଼ିକ ହେଉଛି :- ସଂପ୍ରଦା, ସଞ୍ଚାର, ପାଲା, କୃଷ୍ଣଗୁରୁ ଏବଂ ସଂକୀର୍ତ୍ତନ । ଏହି କଳାରେ ବ୍ୟବହୃତ ହେଉଥିବା ମୃଦଙ୍ଗଗୁଡ଼ିକର ନିଜର ଗଠନ ଶୈଳୀ ବାଦନ ଶୈଳୀ ଅନ୍ୟ ମୃଦଙ୍ଗଠାରୁ ସ୍ୱତନ୍ତ୍ର । ଉପରୋକ୍ତ ସମସ୍ତ କଳା ବିଭିନ୍ନ ଧର୍ମାନୁଷ୍ଠାନ ସହିତ ଜଡ଼ିତ । ତେବେ ଜନମାନସରେ ଅଧିକ ଆଦୃତ ଲାଭ କରିଥିବା କଳା ହେଉଛି ସଂକୀର୍ତ୍ତନ । ପ୍ରହରୀ, ନାମଯଜ୍ଞ ଏବଂ ବୈଷ୍ଣବ ଧର୍ମର ପୂଜାବିଧିରେ ସଂକୀର୍ତ୍ତନ ଆୟୋଜନ କରାଯାଇଥାଏ । ଏହାର ପରିବେଷଣ ସ୍ଥାନକୁ ସଂକୀର୍ତ୍ତନ ମଣ୍ଡଳୀ କୁହାଯାଏ । ସଂକୀର୍ତ୍ତନରେ ବ୍ୟବହୃତ ବାଦ୍ୟଯନ୍ତ୍ରକୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ଉପସ୍ଥାପନା ।





# ସଂକୀର୍ତ୍ତନରେ ବାଦ୍ୟଯନ୍ତ୍ର





ରବିରତନ ସାହୁ

## ନଦୀୟା ଓ ରଙ୍ଗିନ ସଂକୀର୍ତ୍ତନ

ଓଡ଼ିଶାରେ ବିଭିନ୍ନ ପ୍ରକାର ସଂକୀର୍ତ୍ତନ ପ୍ରଚଳିତ । ତେବେ ପଶ୍ଚିମ ଓଡ଼ିଶାରେ ଉଦଣ୍ଡ ବା ନଦୀୟା ସଂକୀର୍ତ୍ତନ ଓ ରଙ୍ଗିନ ସଂକୀର୍ତ୍ତନ ଦେଖିବାକୁ ମିଳେ । ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ତଥା ଷୋଡ଼ଶ ଶତାବ୍ଦୀ ସମୟଠାରୁ ଉଦଣ୍ଡ କୀର୍ତ୍ତନ ବା ନଦୀୟା କୀର୍ତ୍ତନର ପ୍ରଚାରପ୍ରସାର ହେଲା । ବିଭିନ୍ନ ଗୁରୁଙ୍କ ଆଧାର ତଥା ମହାମନ୍ତ୍ରକୁ ନେଇ ଉଦଣ୍ଡ ବା ନଦୀୟା କୀର୍ତ୍ତନର ତିନୋଟି ଶୈଳୀ ରହିଛି ।

୧ "ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ
ହରେ କୃଷ୍ଣ ହରେ ରାମ ଶ୍ରୀରାଧେ ଗୋବିନ୍ଦ"

୨ "ଭଜ ନିତାଇ ଗୌର ରାଧେ ଶ୍ୟାମ
ଜପ ହରେ କୃଷ୍ଣ ହରେ ରାମ"

୩ "ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ"

ଏହି ତିନୋଟି ମହାମନ୍ତ୍ର ଶୈଳୀ ମଧ୍ୟରୁ ବର୍ତ୍ତମାନ ସମୟରେ ତୃତୀୟ ମହାମନ୍ତ୍ର ଶୈଳୀକୁ ସଂକୀର୍ତ୍ତନ ଦଳଗୁଡ଼ିକ ଅଧିକ ଆପଣେଇଛନ୍ତି ।

## ନଦୀୟା ସଂକୀର୍ତ୍ତନର ବାଦ୍ୟ

ନଦୀୟା ସଂକୀର୍ତ୍ତନ ବା ଉଦଣ୍ଡ ସଂକୀର୍ତ୍ତନର ପ୍ରମୁଖ ବାଦ୍ୟ ହେଉଛି 'ମୃଦଙ୍ଗ' । ମୃଦଙ୍ଗକୁ 'ଖୋଳ' ମଧ୍ୟ କୁହାଯାଏ । ଏହି ସଂକୀର୍ତ୍ତନରେ ବ୍ୟବହୃତ ମୃଦଙ୍ଗ ଅନ୍ୟ ମୃଦଙ୍ଗଠାରୁ ଭିନ୍ନ ରହିଥାଏ । ତେଣୁ ଏହା ନଦୀୟା ମୃଦଙ୍ଗ ନାମରେ ପରିଚିତ । ଏହାର ଚାୟାଁ ୬ ଅଙ୍ଗୁଳି, ଧାୟାଁ ୧୦ ଅଙ୍ଗୁଳି, ମଧ୍ୟ ଗୋଲେଇ ୧୬ରୁ ୧୮ ଅଙ୍ଗୁଳି ରହିଥାଏ । ସେହିପରି ଏହି ମୃଦଙ୍ଗର ଲମ୍ବ ଅଢ଼େଇ ଫୁଟ ରହିଥାଏ । ସଂକୀର୍ତ୍ତନର ବାୟକମାନେ ମୃଦଙ୍ଗକୁ କାନ୍ଧରେ ଧରି ବିଭୋର ହୋଇ ବଜାଇ ଥାଆନ୍ତି । ମୃଦଙ୍ଗରୁ ଉତ୍ପନ୍ନ ଶବ୍ଦ ଆଖପାଖ ଅଞ୍ଚଳକୁ ପ୍ରକମ୍ପିତ କରିଦିଏ । ସେହିପରି ନୃତ୍ୟଧାରୀ କଳାକାରମାନେ କଂସାରେ ନିର୍ମିତ ଗିନି ବାଜଇ କରତାଳ ଦେଇଥାନ୍ତି । ଗିନିର ଓଜନ ୨୫୦ ଗ୍ରାମରୁ ୩୦୦ ଗ୍ରାମ ଥାଏ । ସେହିପରି ସଂକୀର୍ତ୍ତନ ଦଳରେ ଜଣେରୁ ଦୁଇ ଜଣ କଳାକାର ପିତ୍ତଳରେ ତିଆରି ବୀର କାହାଳୀ ବାଦ୍ୟକୁ ମୁହଁରେ ଫୁଙ୍କି ସଂକୀର୍ତ୍ତନ କଳାକାରଙ୍କୁ ଉତ୍ସାହିତ କରିବା ସହିତ ପରିବେଶକୁ ଆହୁରି ଉତ୍ସବମୟ କରିଥାନ୍ତି । ଏହି ବୀର କାହାଳୀ ଲମ୍ବ ଅଢ଼େଇ ଫୁଟରୁ ତିନି ଫୁଟ ଲମ୍ବ ରହିଥାଏ । କେତେକ ଅଞ୍ଚଳରେ ସଂକୀର୍ତ୍ତନରେ କାଠରେ ତିଆରି କାଠିବାଦ୍ୟ ମଧ୍ୟ ବ୍ୟବହୃତ ହୋଇଥାଏ ।



## ରଙ୍ଗିନ ସଂକୀର୍ତ୍ତନରେ ବ୍ୟବହୃତ ବାଦ୍ୟ

ସମୟାନୁକ୍ରମେ ଓ ଗୁରୁମାନଙ୍କ ନୂତନ ଚିନ୍ତାଧାରା ଯୋଗୁଁ ସଂକୀର୍ତ୍ତନକୁ କିଛି ନୂଆ ରଙ୍ଗ ଦେଇ ଆରମ୍ଭ ହୋଇଥିଲା ରଙ୍ଗିନ ସଂକୀର୍ତ୍ତନ ଶୈଳୀ । ଯେଉଁଥିରେ ବାଦ୍ୟ, ନୃତ୍ୟ ଏବଂ ସ୍ୱରକୁ ପ୍ରାଧାନ୍ୟ ଦେଇ ଶୃଙ୍ଖଳିତ ଭାବରେ ସଂକୀର୍ତ୍ତନକୁ ପରିବେଷଣ କରାଗଲା । ଏହାର ଇତିହାସ ୧୦୦ ବର୍ଷର । ରଙ୍ଗିନ ସଂକୀର୍ତ୍ତନର ସ୍ୱତନ୍ତ୍ର ବାଦ୍ୟଶୈଳୀ ଏବଂ ନୃତ୍ୟ ଶୈଳୀ ରହିଛି । ଓଡ଼ିଶୀ, ଛାନ୍ଦ, ଚମ୍ପୂ, ଜଣାଣ ଆଦି ସ୍ୱରରେ ମହାମନ୍ତ୍ରକୁ ଗାୟନ କରିବା ଦ୍ୱାରା ଏହି ଶୈଳୀ ମଧ୍ୟ ଜନମାନସରେ ଆଦୃତି ଲାଭ କରିପାରିଛି । ଏହାର ମୃଦଙ୍ଗ ବା ଖୋଳକୁ ରଙ୍ଗିନ ମୃଦଙ୍ଗ କୁହାଯାଏ । ଏହି ମୃଦଙ୍ଗ ନଦୀୟା ମୃଦଙ୍ଗଠାରୁ ଆକାରରେ ବଡ଼ ରହିଥାଏ । ଏହି ମୃଦଙ୍ଗରୁ ଉତ୍ପନ୍ନ ଧ୍ୱନି ଗମ୍ଭୀର ସ୍ୱର ଥାଏ । ଏହାର ଚାୟାଁ- ୮ ଅଙ୍ଗୁଳି, ଧାୟା – ୧୨ ଅଙ୍ଗୁଳି, ମଧ୍ୟ ଗୋଲେି ୧୮ ଅଙ୍ଗୁଳି ଏବଂ ଲମ୍ବ ତିନି ଫୁଟ ରହିଥାଏ । ଏହି ମୃଦଙ୍ଗ ସପ୍ତ ସ୍ୱରକୁ ନେଇ ଗଠନ ହୋଇଥିବାରୁ ବାଦ୍ୟକାର ମୁହଁରେ ଶ୍ଳୋକ ଉଚ୍ଚାରଣ କରିବା ସହିତ ମୃଦଙ୍ଗରେ ଶ୍ଳୋକ ଖଣ୍ଡମାନ ବଜାଇ ଥାଏ ।

ଯଥା :

"ଆଦ୍ୟେ ମଧ୍ୟେ ତ୍ରିବାର ପ୍ରଣୟତି ଗୁରୁନାମ୍
ଶ୍ରୀ ଗୁରୁ କୃଷ୍ଣ ଚୈତନ୍ୟ ନିତ୍ୟା ତବ ପଦାର ବିନ୍ଦେ
ଶରଣାମ୍ ବାଦ୍ୟେ ପ୍ରାପ୍ତି ।
ଯତ୍ ପାଦମ୍ ଭବ ଭୟ ହରଣମ୍ ପଶ୍ୟ ପାଦମ୍
ନମାମୀ ହେ ଗୁରୁ ହେ କୃଷ୍ଣ ହେ ଚୈତନ୍ୟ ନିତ୍ୟା
ତବ ପଦାର ବିନ୍ଦେ ଶରଣମ୍ ବାଦ୍ୟ ପ୍ରାପ୍ତି ।"



ଏଥିରେ ମୃଦଙ୍ଗ ସହିତ କରତାଳ ଦେବା ପାଇଁ କଂସା ଧାତୁରେ ତିଆରି ହୋଇଥିବା କୁବ୍‌ଜା ଏବଂ ଝାଞ୍ଜ ବାଦ୍ୟର ବ୍ୟବହାର ହୋଇଥାଏ । କୁବ୍‌ଜାର ଓଜନ ୩୦୦ରୁ ୩୫୦ ଗ୍ରାମ ଥାଏ । ସେହିପରି ଝାଞ୍ଜର ଓଜନ ୩୫୦ରୁ ୪୦୦ ଗ୍ରାମ ଥାଏ ।

ସଂକୀର୍ତ୍ତନରେ ବ୍ୟବହୃତ ହେଉଥିବା ଚମଡ଼ା ଛାଉଣୀ ବାଦ୍ୟଗୁଡ଼ିକ କିରଣ ଯୁକ୍ତ ବାଦ୍ୟ ବ୍ୟବହାର କରିବାର ବିଧି ରହିଛି । ତେବେ ବର୍ତ୍ତମାନ କିରଣ ବିଯୁକ୍ତ ବାଦ୍ୟ ମଧ୍ୟ ସଂକୀର୍ତ୍ତନରେ ପ୍ରବେଶ ହୋଇସାରିଲାଣି । ବର୍ତ୍ତମାନ ସଂକୀର୍ତ୍ତନ ନାମରେ ଅପସଂସ୍କୃତିକୁ ପ୍ରୋତ୍ସାହନ ନ ଦେଇ ପ୍ରାଚୀନ ସଂକୀର୍ତ୍ତନ ପରମ୍ପରାକୁ ବଞ୍ଚାଇ ରଖିବା ଆମର ପରମ ଦାୟିତ୍ୱ ଓ କର୍ତ୍ତବ୍ୟ ।



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ସୁସୁରି ମାରି କିଳା ନିମନ୍ତ୍ରଣ

ସତ କହିଲେ କେମିତି ଲୋକଙ୍କ ଛାତି ଫାଟେ ତାହା ଦେଖିବାର ଥିଲେ ଏବେ ସମ୍ବଲପୁର ଯିବାକୁ ପଡ଼ିବ। 'ନବୀନ ବିକାଶ'ର ସମର୍ପିତ ସେନାପତି କାର୍ତ୍ତିକଙ୍କ ଲୋକପ୍ରିୟତା ଏବେ ପଦ୍ମ ପ୍ରଧାନଙ୍କ ଗାତ୍ରଦାହର କାରଣ ହୋଇଛି। ତାଙ୍କର ମରମଭେଦୀ ପ୍ରଶ୍ନ ପଦ୍ମ ପ୍ରଧାନଙ୍କ ଟେନ୍‌ସନ ବଢ଼ାଇ ଦେଇଛି। ରାଜ୍ୟରେ ହୋଇଥିବା ବିକାଶ ସମସ୍ତଙ୍କୁ ଦିଶୁଛି, ରୂପାନ୍ତରଣର ପବନ ସମସ୍ତଙ୍କୁ ଛୁଇଁଛି। ରାଜ୍ୟର ସବୁ ଲୋକ ଏହା ଦେଖୁଛନ୍ତି, ଅନୁଭବ କରୁଛନ୍ତି, ଖୁସି ହେଉଛନ୍ତି। ମାତ୍ର ମିଛରେ ଶୋଇବାର ଅଭିନୟ କରୁଥିବା ପଦ୍ମ ପ୍ରଧାନ ଏହାକୁ ଦେଖି ପାରୁନାହାନ୍ତି, ବୁଝି ପାରୁ ନାହାନ୍ତି। କାର୍ତ୍ତିକଙ୍କ ସରଳ ଶବ୍ଦ ବିକାଶର ପରିଭାଷା ପ୍ରଧାନ କୁଆଡ଼େ ବୁଝିପାରୁ ନାହାନ୍ତି। ବୁଝାଇବାର ସବୁ ଚେଷ୍ଟା ବିଫଳ ହେବା ପରେ କାର୍ତ୍ତିକଙ୍କ ରାଜନୀତି ଭାଷା ପଦ୍ମ ପ୍ରଧାନଙ୍କ ଛାତିକୁ କୁଆଡ଼େ ଭାରି ହର୍ଟ କରିଛି। ସବୁବେଳେ ଅହଂକାରରେ ଫଁ ଫଁ କରୁଥିବା ପ୍ରଧାନ ନା ଏବେ ଶୋଇ ପାରୁଛନ୍ତି, ନା ଚେଇଁ ପାରୁଛନ୍ତି। ଦିନରାତି କୁଆଡ଼େ ମୁଣ୍ଡ ଝାଇଁଝାଇଁ କରୁଛି। ୧୦ ବର୍ଷର କେନ୍ଦ୍ରମନ୍ତ୍ରୀ ନିଜ ଅଞ୍ଚଳ ପାଇଁ କ'ଣ କରିଛନ୍ତି ବୋଲି ଅଡୁଆ ପ୍ରଶ୍ନ କରି ପ୍ରଧାନଙ୍କୁ ଅକଳରେ ପକାଇ ଦେଇଛନ୍ତି କାର୍ତ୍ତିକ। ପୁଣି ଜୁନ୍ ୯ ତାରିଖ ରବିବାର ଦିନ ଶଙ୍ଖପତି ନବୀନ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବେ; ଯଦି ଏହା ସତ ନ ହୁଏ ତେବେ ରାଜନୀତିରୁ ସନ୍ୟାସ ନେବେ ବୋଲି ଘୋଷଣା କରି କେନ୍ଦ୍ର ପ୍ରଧାନଙ୍କୁ ଅନୁରୂପ ଚାଲେଞ୍ଜକୁ ସ୍ୱୀକାର କରିବାକୁ କାର୍ତ୍ତିକ ଆହ୍ୱାନ ଦେଇଛନ୍ତି। ରାଜ୍ୟରେ ଯଦି ବିଜେପି ସରକାର ଗଠନ କରିବାରେ ସକ୍ଷମ ନ ହେବ, ତେବେ ପ୍ରଧାନେ ରାଜନୀତିରୁ ସନ୍ୟାସ ନେବେ କି ବୋଲି ଚ୍ୟାଲେଞ୍ଜ କରିଛନ୍ତି କାର୍ତ୍ତିକ। ଯା' ପରେ ପ୍ରଧାନଙ୍କ ତୁଣ୍ଡରେ ତୁଣ୍ଡି। ସୁସୁରି ମାରି ତ କିଳାକୁ ନିମନ୍ତ୍ରଣ କରିଛନ୍ତି, କହିବେ କାହାକୁ ? ■



## ଅଥାନ ମାଡ଼; ପାଣିଗ୍ରାହୀ ବାଚାଳ

କଥା କହିବା ବେଳେ ବାଟୁଳି ବାଜୁ ନ ଥିବା ଗୋପାଳପୁରର କୁହାଳିଆ ପାଣିଗ୍ରାହୀଙ୍କ ପାଟି ଏବେ ଖନି ମାରିବା ଆରମ୍ଭ ହେଲାଣି। ଆଉ ଦି' ଦିନ ପରେ ଭୋଟ, ତା' ପରେ ଅବସ୍ଥା କ'ଣ ହେବ ତାହାକୁ ଭାବି କୁଆଡ଼େ ପାଣିଗ୍ରାହୀ ଓ ତାଙ୍କ ମୁଷ୍ଟିମେୟ ଅନୁଗତ ଘନଘନ ପୋଖରୀପାଣି ଯାଉଛନ୍ତି। ଏତିକି ବେଳକୁ ପୁଣି ଶଙ୍ଖପତିଙ୍କ ଅଥାନ ମାଡ଼ରେ ଆକ୍ତାମାକ୍ତା ପାଣିଗ୍ରାହୀ ଏବେ ବାଚାଳ ପରି ଗପିବା ଆରମ୍ଭ କରିଛନ୍ତି। ବୁମ୍‌ଧାରୀମାନଙ୍କ ଦେଖିବା କ୍ଷଣି ଯାହା ପାଟିକୁ ଆସୁଛି ସିଏ ଗପୁଛନ୍ତି। ଆଉ ନିଜ ଟିଆର୍‌ପି ପାଇଁ ବୁମ୍‌ଧାରୀମାନେ ବି ତାଙ୍କ ଚାରିପଟେ ଗହଳି କରୁଛନ୍ତି। ସମସ୍ତେ ଜାଣନ୍ତି ଦୀପ ଲିଭିବା ବେଳେ ନିଜର ସବୁ ଶକ୍ତିକୁ ସଞ୍ଚୟ କରି ଜଳେ, ତା'ପରେ ଧପ୍ କରି ଲିଭିଯାଏ। ଶେଷରେ ପୋଡ଼ା ସଳିତା ଆଉ କଳା ଧୂଆଁ ଛଡ଼ା କିଛି ନ ଥାଏ। ନିଜ କାର୍ଯ୍ୟ ଓ ଆଚରଣ ପାଇଁ ଜେଲରେ ଢ଼େର ଦିନ କାଟିଥିବା ପାଣିଗ୍ରାହୀ ଏବେ ବେଲ୍‌ରେ। କୌଣସି ପ୍ରକାରେ ରାମମନ୍ଦିର ପଦ୍ମ ଆଖଡ଼ାର ମନମୋହନଙ୍କୁ ସନ୍ତୁଷ୍ଟ କରି ପାଣିଗ୍ରାହୀ ସିନା ଟିକଟ ଖଣ୍ଡକ ନେଇଗଲେ; ମାତ୍ର ପରିଣାମ କ'ଣ ହେବ ସିଏ ବୋଧେ ଭାବି ନ ଥିଲେ। ତାଙ୍କ ପୂର୍ବ କାର୍ଯ୍ୟ ଓ ଆଚରଣକୁ ନେଇ କ୍ଷୁବ୍ଧ ଜନସାଧାରଣ; ଉତ୍ପୀଡ଼ନରେ ଶିକାର ପଦ୍ମ ଦଳିଆ କର୍ମୀ ବି ଗୋଛି କାଟିବାକୁ କଟୁରୀ ସଜିଲ କରି ବସିଛନ୍ତି। ଯେଉଁମାନେ ତାଙ୍କ ଦ୍ୱାରା ପ୍ରତାରିତ ହୋଇଥିଲେ, ସେମାନେ ଏବେ ପ୍ରତିଶୋଧ ନେବାକୁ ଅପେକ୍ଷା କରିଛନ୍ତି। ଏହି ସମୟରେ ଶଙ୍ଖପତି ଆଉ ତାଙ୍କର ମୁଖ୍ୟ ସେନାଧ୍ୟକ୍ଷ ଚୋରଙ୍କ ସ୍ଥାନ ସଂସଦରେ ନୁହେଁ, ଜେଲ୍‌ରେ ବୋଲି ଦେଇଥିବା ଆହ୍ୱାନ ପାଣିଗ୍ରାହୀଙ୍କୁ ପାଗଳ କରି ଦେଇଛି। ତାଙ୍କ ପାଟିରୁ ଏବେ କୁଆଡ଼େ ଖାଲି ଅଶ୍ରାବ୍ୟ ଶବ୍ଦ ବାହାରୁଛି। ■



## କର୍ମୁ ଅଧିକ ଯେ ଲୋଡ଼ନ୍ତି...

ଅତ୍ୟଧିକ ମହତ୍ୱାକାଂକ୍ଷା ମ୍ୟାଡ଼ାମ ଅପରାଜିତାଙ୍କ ସମସ୍ୟାକୁ ବଢ଼ାଇ ଦେଇଛି। ଗଲା ନିର୍ବାଚନରେ ମାତ୍ର ୨୩ ହଜାରରୁ କିଛି ଅଧିକ ଭୋଟରେ ବିଜୟୀ ହୋଇଥିବା ଷଡ଼ଙ୍ଗୀ ମ୍ୟାଡ଼ାମ ଚଳିତ ନିର୍ବାଚନରେ ଠିକ୍ ଓଲଟା ପରିଣାମ ଭୋଗିବେ ବୋଲି ଅନେକ କହିବା ଆରମ୍ଭ କଲେଣି। ଗଲା ନିର୍ବାଚନର ବିଜୟ ପଛରେ ବେଗୁନିଆ ଓ ଜଟଣୀର କଂଗ୍ରେସ ଭୋଟରଙ୍କ ବଡ଼ ଭୂମିକା ରହିବା ଅନେକ କହନ୍ତି। ନିଜର ଦଳର ପ୍ରାର୍ଥୀ ନ ଥିବାରୁ ନୂଆନୂଆ ରାଜନୀତିକୁ ଆସିଥିବା ଷଡ଼ଙ୍ଗୀ ମ୍ୟାଡ଼ାମଙ୍କ ଉପରେ କଂଗ୍ରେସିଆ ଭୋଟର ଭରସା କରିଥିଲେ। ମାତ୍ର ଏଥର କଂଗ୍ରେସ ଭୋଟ ଆଉ ତାଙ୍କୁ ମିଳିବ ନାହି ବୋଲି ଜାଣିବା ପରେ ଯେଉଁ ଲୋକଙ୍କୁ ସିଏ ଟିକଟ ଦିଆଇଲେ, ସେଇମାନେ କୁଆଡ଼େ ଏବେ ତାଙ୍କ ପରାଜୟର କାରଣ ହେବାକୁ ଯାଉଛନ୍ତି। ଯେଉଁ ବାହୁବଳୀ ଜଗଦ୍ଦେବଙ୍କ ବିରୋଧରେ ମୋର୍ଚ୍ଚା ଖୋଲି ଏକଦା ସାଂସଦ ଅପରାଜିତା ହୁଲସ୍ଥୁଲ କରିଥିଲେ, ଏବେ ସେଇ ଜଗଦ୍ଦେବଙ୍କୁ ନିଜ ପ୍ରଚାର ରଥର ସାରଥୀ କରିଛନ୍ତି। ମାତ୍ର କେଉଁ କାରଣ ଯୋଗୁଁ ଅତ୍ୟନ୍ତ ଅନୁଗତ କାଳୁ ଖଣ୍ଡାୟତରାୟ, ରଶ୍ମୀ ମହାପାତ୍ରଙ୍କୁ ପର କରି ଜଗଦ୍ଦେବଙ୍କୁ ସାଂସଦ ଷଡ଼ଙ୍ଗୀ ଖୋର୍ଦ୍ଧାରୁ ଟିକଟ ଦେଲେ ତାହାର ରହସ୍ୟ ଅନେକଙ୍କ ପାଇଁ ଅବୋଧ। ଜୟଦେବରେ ବି ସମାନ ସ୍ଥିତି। ରାଜଧାନୀରେ ବି କିଛି ବ୍ୟତିକ୍ରମ ନାହିଁ। ନ ହେଲେ ସାମ୍ବାଦିକ ସମ୍ମିଳନୀରେ ଏତେ ନିବେଦନ କରିବା ପରେ ପ୍ରଧାନମନ୍ତ୍ରୀଙ୍କ ବହୁଚର୍ଚ୍ଚିତ ରାଜଧାନୀ ରୋଡ୍ ଶୋ କ'ଣ ଫିକା ହୋଇ ଥାଆନ୍ତା? ପାଞ୍ଚ ବର୍ଷ ଭିତରେ ହଂସପାଳ ଓଭରବ୍ରିଜ୍, ପଳାଶୁଣିରେ ଫୁଟ୍ ଓଭରବ୍ରିଜ୍‌ଟିଏ ଯିଏ କରି ପାରିଲେ ନାହିଁ; ସିଏ ଅନ୍ୟକୁ ଦେଉଥିବା ଜ୍ଞାନକୁ ସାଧାରଣ ଲୋକ କାହିଁକି ଗ୍ରହଣ କରିବେ ? କିଏ ଜଣେ ମହାତ୍ମା କହିଥିଲେ - କର୍ମୁ ଅଧିକ ଯେ ଲୋଡ଼ନ୍ତି, ଚୋରଙ୍କ ପ୍ରାୟ ଦଣ୍ଡ ପା'ନ୍ତି। ରାଜଧାନୀର ଷଡ଼ଙ୍ଗୀ ସାଂସଦଙ୍କ ଅବସ୍ଥା କୁଆଡ଼େ ବର୍ତ୍ତମାନ ଠିକ୍ ସେମିତି। ■



## ହରଡ଼ଘଣାରେ ଷଡ଼ଙ୍ଗୀ ନନା

ନୀତି ଓ ନୈତିକତା କଥା କହୁଥିବା, ଗୀତା ଓ ଭାଗବତ ଜ୍ଞାନ ବାଣ୍ଟୁଥିବା ବାଲେଶ୍ୱରିଆ ଷଡ଼ଙ୍ଗୀ ନନାଙ୍କ ବୁଦ୍ଧି ଘରେ କୁଆଡ଼େ କଳା ବୁଢ଼ିଆଣୀ ବସା ବାନ୍ଧିଛି। ଏପଟେ ହାତ ଶ୍ରୀକାନ୍ତ, ସେପଟେ ଶଙ୍ଖ ସାମନ୍ତସିଂହାରଙ୍କ ଷଣ୍ଢୁଆସୀ ଆକ୍ରମଣ ସାଙ୍ଗକୁ ମହାମେଘବାହନ ଖାରବେଳଙ୍କ ଶବ୍ଦ ତୀର ତାଙ୍କୁ ଲହୁଲୁହାଣ କରି ଦେଇଛି। ସେପଟେ ପଦ୍ମ ସଂସ୍କାର ବିବର୍ଜିତ ଅନ୍ୟ ଦଳର ଦାଗୀ ନେତାଙ୍କୁ ଭୋଗରାଇ, ଆମଦାନୀ ନେତାଙ୍କୁ ନୀଳଗିରି ଆଦି ବିଧାନସଭା କ୍ଷେତ୍ରରେ ଟିକଟ ଦେବାରେ ନନାଙ୍କ ହାତ ଥିବା ଖବରପାଇ ତୃଣମୂଳ କର୍ମୀଙ୍କ ଅସହଯୋଗ କଟା ଘା'ରେ ଲୁଣ ଛିଟା ମାରିବା ପରି ହୋଇଛି। ପୋଖରୀ ଗାଧୁଆ, ନଡ଼ା ଛପର ଘରକୁ ଦେଖାଇ ସିନା କୌଣସି ପ୍ରକାରେ ପାଞ୍ଚବର୍ଷ ପାର ହୋଇଗଲେ, ଆଉ ଏବେ କରିବେ କ'ଣ? ଏବେ ଆଉ ଦେଖାଇବାକୁ ତ କିଛି ନାହିଁ। ଗଲା ପାଞ୍ଚ ବର୍ଷରେ କିଛି କରିଥିଲେ ସିନା ତାହାକୁ ଧୋଇ ଶୁଖେଇ ଆଉ ପାଞ୍ଚବର୍ଷ ନେଇ ଯାଇଥାଆନ୍ତେ, ସେମିତି ତ କିଛି ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଦେଖାଯାଉ ନାହିଁ। ନିଜେ କରିଥିବା କାମକୁ ନେଇ ଯେଉଁ ବହିଖଣ୍ଡକ ଛାପିଥିଲେ, ବାବୁ ଖାରବେଳ ତ ତାହାର ଧଜ୍ଜିଆ ଉଡ଼େଇ ଦେଇଛନ୍ତି। ଯୁଆଡ଼େ ପ୍ରଚାର ପାଇଁ ଯାଉଛନ୍ତି, ସେଠି ଲୋକମାନେ ତାଙ୍କର ୫ ବର୍ଷର କାମ, କେନ୍ଦ୍ର ସରକାରଙ୍କ କାମକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ପେଟ୍ରୋଲ ଡ଼ିଜେଲ ଦର କାହିଁକି କମୁନାହିଁ? ବାଲେଶ୍ୱରରେ କାହିଁକି କେନ୍ଦ୍ରୀୟ ଅନୁଷ୍ଠାନ ସ୍ଥାପନ ହୋଇ ନାହିଁ ବୋଲି ଲୋକମାନେ ପ୍ରଶ୍ନ କରୁଛନ୍ତି। ସେଥିପାଇଁ ହରଡ଼ଘଣାରେ ପଡ଼ିଥିବା ନନା କୁଆଡ଼େ ବାଉଳି ହୋଇ ତାଙ୍କୁ ଉଦ୍ଧାର କରିବାକୁ ରାଜ୍ୟ ରାମମନ୍ଦିର ଆଖଡ଼ାଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଗୁହାରି କରିଥିବା ଖବର ମିଳିଛି। ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।